ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିନେଶ



@ ପବିତ୍ର



@ ରଞ୍ଜନ



@ ସୌମ୍ୟଲିନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋଟିଏରୁ ଅଧିକ ଟଙ୍କାର ସାମଗ୍ରୀ ଏବେ ଅଚଳ

- ପାରାଦୀପ କୋଭିଡ୍ ହସ୍ପିଟାଲ ବନ୍ଦ
- ରକ୍ଷଣାବେକ୍ଷଣ ପାଇଁ ଜଣେ ସିକ୍ୟୁରିଟି

**ପାରାଦୀପ, ୯।୮ (ଶରତ ରାଉତ)**

ମହାମାରୀ କରୋନା ପାଇଁ ପାରାଦୀପର ବେଳାଭୂମି ରାସ୍ତା ପାଖରେ ୨୦୨୦ରେ କୋଭିଡ୍ ହସ୍ପିଟାଲ ସରକାର ଖୋଲିଥିଲେ। ଏବେ କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ଉକ୍ତ ହସ୍ପିଟାଲକୁ ସରକାର ୨୦୨୩ ଏପ୍ରିଲ ୧୩ରେ ବନ୍ଦ କରିଛନ୍ତି। କିନ୍ତୁ ସେହି ହସ୍ପିଟାଲ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସେଥିରେ କୋଟିଏରୁ ଅଧିକ ଟଙ୍କାର ହସ୍ପିଟାଲ ସାମଗ୍ରୀ ଅଚଳ ହୋଇଗଲାଣି। ସେହି ହସ୍ପିଟାଲକୁ ଜଗିବାକୁ ଏବେ ମାତ୍ର ଜଣେ ସିକ୍ୟୁରିଟି ଅଛନ୍ତି।

କରୋନା ଯେତେବେଳେ କାୟା ବିସ୍ତାର କରୁଥିଲା, ସେତେବେଳେ ସରକାର ଲୋକଙ୍କ ଜୀବନ ବଞ୍ଚାଇବାକୁ ଅନେକ ଜାଗାରେ କୋଭିଡ୍ ହସ୍ପିଟାଲ ଖୋଲିଥିଲେ। ଏହି କ୍ରମରେ ଜଗତ୍‌ସିଂହପୁର ଜିଲା ପାଇଁ ପାରାଦୀପର ବିଜୁ ଯାତ୍ରୀ ନିବାସକୁ ହସ୍ପିଟାଲ କରାଯାଇଥିଲା। ସେତେବେଳେ ୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚରେ ଆନୁଷଙ୍ଗିକ ହସ୍ପିଟାଲ ଉପକରଣ କିଣି ଲଗାଯାଇଥିଲା। ଏହି ଟଙ୍କାକୁ ସେତେବେଳେ ପାରାଦୀପ ବନ୍ଦର ୩ କୋଟି ଓ ସ୍ୱାସ୍ଥ୍ୟ ବିଭାଗ ୨ କୋଟି ଦେଇଥିଲେ ବୋଲି କୁହାଯାଇଥିଲା। ଏହାବାଦ୍ ବିଭିନ୍ନ କମ୍ପାନୀ ମଧ୍ୟ କେତେକ ସାମଗ୍ରୀ ଯୋଗାଇ ଦେଇଥିଲେ। ହସ୍ପିଟାଲଟି ୬୦ ଶଯ୍ୟା ବିଶିଷ୍ଟ ହୋଇଥିବାବେଳେ ୩ ଆଇସିୟୁ କରାଯାଇଥିଲା। ଏଥିରେ ଡିଜିଟାଲ ଏକ୍ସ-ରେ, କୋଟିଏରୁ ଅଧିକ ଟଙ୍କା ବ୍ୟୟରେ ଅକ୍ସିଜେନ ପ୍ଲାଣ୍ଟ, ୪ଟି ବଡ଼ ଜେନେରେଟର, ୧୭ଟି ଏସି, ଟିଭି, ଲାବୋରାଟୋରି, ଡାକ୍ତର ବସିବା ପାଇଁ ଚୌକି, ଟେବୁଲ, କମ୍ପ୍ୟୁଟର, ଆଲମାରୀ, ମେଡିସିନ ଷ୍ଟୋର ସମେତ ଅନେକ ସାମଗ୍ରୀ କିଣାଯାଇଥିଲା। ସେହିପରି ମଧୁବନସ୍ଥ ଏନ୍‌ଏସି ବାଳିକା ବିଦ୍ୟାଳୟରେ କୋଭିଡ୍ ନର୍ସିଂ ଷ୍ଟାଫ ରହଣି, ପାରାଦୀପ କଲେଜ ବାଳିକା ହଷ୍ଟେଲରେ ଷ୍ଟାଫ୍, ପାନ୍ଥନିବାସରେ ଡାକ୍ତରମାନଙ୍କ ରହଣି ବ୍ୟବସ୍ଥା କରାଯାଇଥିଲା। ମଧୁବନରେ ଥିବା ପାରାଦୀପ ବନ୍ଦରର ୩ ମହଲା ବିଶିଷ୍ଟ ବୃହତ୍ ବାଣିଜ୍ୟ କେନ୍ଦ୍ରକୁ କୋଭିଡ୍ କେୟାର ସେଣ୍ଟର କରାଯାଇଥିଲା। ସେଠାରେ ୩୦୦ରୁ ଅଧିକ ବେଡ୍ ଓ ଅନ୍ୟ ଉପକରଣ ସବୁ ରଖାଯାଇଥିଲା। କରୋନା ସଂକ୍ରମଣ ହ୍ରାସ ପାଇବା ପରେ ସବୁ ବନ୍ଦ ହୋଇଥିଲେ ହେଁ କେବଳ ହସ୍ପିଟାଲ ଖୋଲାଥିଲା, ଯାହା ଏପ୍ରିଲଠାରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଛି ବୋଲି ବିଜୁ ମେମୋରିଆଲ ହସ୍ପିଟାଲ ସିଏମ୍‌ଓ ଡା. ବସନ୍ତ ରାଉତ କହିଛନ୍ତି। ହସ୍ପିଟାଲ ବନ୍ଦ ହେବା ପରେ ଅସ୍ଥାୟୀ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟ କର୍ମଚାରୀ, ସିକ୍ୟୁରିଟି ପଳେଇ ଯାଇଛନ୍ତି। ଅକ୍ସିଜେନ ପ୍ଲାଣ୍ଟଠାରୁ ଆରମ୍ଭ କରି ଏସି ପର୍ଯ୍ୟନ୍ତ ସବୁ ଅଚଳ ହୋଇଯାଇଛି। ଏସବୁ ସାମଗ୍ରୀ ରଖିବା ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ବିଜୁ ମେମୋରିଆଲ ହସ୍ପିଟାଲରେ ଜାଗା ନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷେତ୍ରବାସୀ ଦାସ କହିଛନ୍ତି। ଏହାକୁ ଚଳିତ ମାସରେ ମଣିଜଙ୍ଗା ହସ୍ପିଟାଲ ପାଖରେ ଥିବା ଏକ ଘରେ ରଖାଯିବ ବୋଲି ସେ କହିଛନ୍ତି। ମେଡିକାଲ ସାମଗ୍ରୀକୁ ଖୋଲି ସ୍ଥାନାନ୍ତର କରିବାକୁ ଏବେ ପ୍ରାୟ ୧ଲକ୍ଷ ୬୦ ହଜାର ଟଙ୍କା ଆବଶ୍ୟକ ବୋଲି ଏଷ୍ଟିମେଟ୍ କରାଯାଇଛି। ଏବେ ପାରାଦୀପ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ଯାତ୍ରୀ ନିବାସକୁ ତାଙ୍କୁ ହସ୍ତାନ୍ତର କରାଯିବ। ସେଠାରେ ଏକ ପ୍ରତିଷ୍ଠିତ ହୋଟେଲ ଖୋଲାଯିବ ବୋଲି ଯୋଜନା ଚାଲିଥିବା ଜଣାପଡ଼ିଛି। ଉକ୍ତ ହସ୍ପିଟାଲରେ କେହି ନ ରହିବା ଯୋଗୁ ନିଶାସକ୍ତ ଲୋକଙ୍କ ଆସର ବସୁଥିବା ଜଣାପଡ଼ିଛି। ଏପରିକି କେତେକ ସାମଗ୍ରୀ ଚୋରି ହୋଇଗଲାଣି ବୋଲି ଜଣେ ମେଡିକାଲ ଷ୍ଟାଫ କଥା ପ୍ରସଙ୍ଗରେ କହିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାସଙ୍କୁ ପଚାରିବାରେ ସମସ୍ତ ସାମଗ୍ରୀ ଲିଷ୍ଟ କରାଯାଇ ଜଣେ ଷ୍ଟାଫ୍‌ଙ୍କ ତତ୍ତ୍ୱାବଧାନରେ ଦିଆଯାଇଛି। ଯଦି ସେମିତି କିଛି ଆପରାଧିକ ଗୋଷ୍ଠୀ ସେଠାରେ ପଶୁଥିବେ, ପୋଲିସକୁ ସୂଚନା ଦେବୁ ବୋଲି ସେ କହିଛନ୍ତି।



ପରିତ୍ୟକ୍ତ ଅବସ୍ଥାରେ କୋଭିଡ୍ ହସ୍ପିଟାଲ।

## ଓଲାଭର କଲେଜରେ ପଶି ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକଙ୍କୁ ଗାଳିଗୁଲଜ

**କେନ୍ଦ୍ରାପଡ଼ା, ୯।୮ (ଜଗନ୍ନାଥ ଧଳ)**

ରାଜକନିକା ବ୍ଲକର ଓଲାଭର କଲେଜରେ ପଶି ଜଣେ ବ୍ୟକ୍ତି ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ବୁଧବାର ଅପରାହ୍ଣ ୩ଟାରେ ଏହି ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, ଇଚ୍ଛାପୁର ଗାଁର ନଳିନୀ ପୃଷ୍ଟି ନାମକ ଜଣେ ବ୍ୟକ୍ତି କଲେଜ ପରିସରରେ ପ୍ରବେଶ କରି ଅଧ୍ୟାପିକା, ଅଧ୍ୟାପମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଫାଟକ ବାହାରକୁ ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଅଧ୍ୟକ୍ଷ ହଳଧର ବେହେରାଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ରାଜକନିକା ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଏପରି କି ଅଧିକାଂଶ ସମୟରେ ସେ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ଫୋନ ଯୋଗେ ଧମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି । ଘଟଣାର ତଦନ୍ତ ପୂର୍ବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧକ୍ଷ ବେହେରା ଥାନା ଅଧିକାରୀ ଦିଲୀପ କୁମାର ଧଳଙ୍କୁ ନିବେଦନ କରିଛନ୍ତି । ଥାନାଧିକାରୀ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନଳିନୀଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ଅଛି ବୋଲି ପୋଲିସ କହିଛି।

# ୧୫ ନଂ. ଜିଲା ପରିଷଦ ସଭ୍ୟ ପାଇଁ ଉପନିର୍ବାଚନ ଶେଷ

**ନେଉଳପୁର ସମିତିସଭ୍ୟ ଓ ଚକ୍ରଧରପୁରର ୭ ନମ୍ବର ୱାର୍ଡ ସଭ୍ୟ ପାଇଁ ମତଦାନ**

**ଧର୍ମଶାଳା, ୯।୮ (ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ବ୍ଲକର ୧୫ନଂ. ଜୋନ ଜିଲା ପରିଷଦ ସଭ୍ୟ, ନେଉଳପୁର ପଞ୍ଚାୟତ ସମିତିସଭ୍ୟ ଓ ଚକ୍ରଧରପୁର ପଞ୍ଚାୟତର ୭ ନମ୍ବର ୱାର୍ଡ ସଭ୍ୟ ପଦବୀ ଲାଗି ବୁଧବାର ଉପନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଏସବୁ ଅଞ୍ଚଳରେ ମୋଟ୍ ୧୩୧ ବୁଥରେ ୩୯,୨୪୯ ଭୋଟର ରହିଥିବାବେଳେ ୭୦.୫୭ ହାରରେ ୨୭, ୭୦୧ ଜଣ ମତଦାନ କରିଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଦିନ ୧ଟା ପର୍ଯ୍ୟନ୍ତ ଚାଲିଥିଲାବେଳେ ଅନେକ ବୁଥରେ ନିର୍ଦ୍ଧାରିତ ସମୟ ପରେ ମଧ୍ୟ ମତଦାନ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମତଦାନ କେନ୍ଦ୍ରରେ ପ୍ରବେଶ କରିଥିବା ଭୋଟରମାନେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ କରିଥିଲେ। କାଁଭାଁ ବଚସାକୁ ଛାଡିଦେଲେ ଏକ ପ୍ରକାର ଶାନ୍ତିଶୃଙ୍ଖଳାରେ ମତଦାନ ଶେଷ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ୧୦ ପାଟ୍ରୋଲିଂ ଭ୍ୟାନ ନିୟୋଜିତ ହୋଇଥିବାବେଳେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଏସ୍‌ପି ଭିନୀତ ଅଗ୍ରୱାଲ ୧୫ନଂ. ଜିଲା ପରିଷଦ ଜୋନର ଉତ୍ତରପ୍ରତାପ, କୋଟପୁର ଓ ଅରାବଳ ପଞ୍ଚାୟତର ବିଭିନ୍ନ ବୁଥ୍ ବୁଲି ଦେଖିଥିଲେ। ନିର୍ବାଚନ କିଭଳି ଅବାଧ ଓ ନିରପେକ୍ଷ ଭାବେ କରାଯାଇ ପାରିବ ସେଥିଲାଗି ପୋଲିସ ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ବୋଲି ଜିଲାପାଳ ସୂଚନା ଦେଇଥିଲେ।

ଜିଲା ପରିଷଦ ସଭ୍ୟ ଉପନିର୍ବାଚନରେ ମୋଟ୍ ୧୧୮ ବୁଥରେ ୩୩,୩୭୬ ଭୋଟର ଥିବାବେଳେ ୭୨.୧୮ ପ୍ରତିଶତ ହାରରେ ୨୪ ହଜାର ୯୪ ଜଣ ମତଦାନ କରିଛନ୍ତି। ସେହିପରି ନେଉଳପୁର ପଞ୍ଚାୟତରେ ସମିତିସଭ୍ୟ ଉପନିର୍ବାଚନ ପାଇଁ ୧୨ ବୁଥରେ ୫,୬୬୬ ଭୋଟର ଥିବାବେଳେ ୬୧.୦୪ ପ୍ରତିଶତ ହାରରେ ୩,୪୫୯ ଜଣ ମତଦାନ କରିଛନ୍ତି। ଚକ୍ରଧରପୁର ପଞ୍ଚାୟତର ୭ ନଂ. ୱାର୍ଡ ଉପନିର୍ବାଚନରେ ୨୦୭ଜଣ ଭୋଟର ଥିବାବେଳେ ୭୧.୪୯ ପ୍ରତିଶତ ହାରରେ ୧୪୮ ଜଣ ମତଦାନ କରିଥିବା ଜଣାଯାଇଛି। ମତଦାନ ଶେଷ ହେବା ପରେ ପୋଲିଂ ଅଫିସରମାନେ ଭୋଟ ବାକ୍ସକୁ ସିଲ୍ କରି ପୋଲିସ ସୁରକ୍ଷାରେ ଧର୍ମଶାଳା ମହାବିଦ୍ୟାଳୟର ଷ୍ଟ୍ରଙ୍ଗ୍‌ରୁମରେ ରଖିଛନ୍ତି। ଆସନ୍ତା ୧୧ ତାରିଖ ସକାଳ ୮ଟାରୁ ପ୍ରାର୍ଥୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।



ମତସାବ୍ୟସ୍ତ କରିବାକୁ ଭୋଟରମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି।



# ମୌଳିକ ସମସ୍ୟା ପ୍ରତି ପ୍ରଶାସନର ନିଘା ନାହିଁ

ଖଣ୍ଡପଡ଼ା, ୯।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବେଣାଗାଡିଆ, କାଦୁଆ, ତେନ୍ତୁଳିଆପଲ୍ଲୀ, ମୁରାରୀପୁର, ମାଧବେରେଣୀ, ଗୋପିନାଥପୁର ଓ ଇଜ୍ଜତଘୋଡାମାରୀ ପଥରଦ୍ୱାର ଏପରି ୭ ମୌଜାର ୨୫ଟି ୱାର୍ଡକୁ ନେଇ ବେଣାଗାଡ଼ିଆ ପଞ୍ଚାୟତ ଗଠିତ । ଏହି ସାତଗାଁ ବେଣାଗାଡିଆ ପଞ୍ଚାୟତର ଲୋକମାନେ ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ସେମାନଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ଜିଲା ପ୍ରଶାସନର ଆନ୍ତରିକତା ପ୍ରକାଶ ପାଉନାହିଁ ବୋଲି ଅଭିଯୋଗ ହୋଇଛି । ବିଶେଷ କରି ପାନୀୟ ଜଳ ଯୋଗାଣ, ଜମିକୁ ପାଣି, ପରିମଳ ବ୍ୟବସ୍ଥା, ସାଧାରଣ ଗରିବ ପରିବାରଙ୍କୁ ଆବାସ ଯୋଜନାରେ ଗୃହ ପ୍ରଦାନ ଓ ଖାଉଟି ସାମଗ୍ରୀ ପ୍ରଦାନ, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାରେ ଉନ୍ନତି, ଗ୍ରାମର ବିକାଶ, ବିଧବା ଓ ଉପଯୁକ୍ତ ବ୍ୟକ୍ତିମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କ୍ଷେତ୍ରରେ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି ।

ରାଜ୍ୟ ସରକାର ଚାଷ, ଚାଷୀ, ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଅଧିକ ଧ୍ୟାନ ଦେଉଛନ୍ତି । ମାତ୍ର ଉକ୍ତ ପଞ୍ଚାୟତରେ ଏସବୁ ଯୋଜନାର ବ୍ୟତିକ୍ରମ ଦେଖାଯାଇଛି । ପଞ୍ଚାୟତର ଯାହା ସମସ୍ୟା ରହିଛି ସେ ସବୁ ସମସ୍ୟା ନିଶ୍ଚୟ ଭାବେ ପୂରଣ ହୋଇଯିବ ବୋଲି ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜ ନେତାମାନେ କହିଥିଲେ । ମାତ୍ର ନିର୍ବାଚନ ସରିବା ପରେ ତାହା ସାତ ସପନ ପାଲଟିଛି ବୋଲି ବୁଦ୍ଧିଜୀବିମାନେ ମତବ୍ୟକ୍ତ କରିଛନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ଏହି ଲୋକହିତକର ଯୋଜନାର ସଫଳ ରୁପାୟନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବେଣାଗାଡ଼ିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବାସ କରୁଥିବା ଅନେକ ପରିବାର ଝାଟିମାଟି, ଟାଇଲ୍ ଓ ଚାଳଛପର, କଚ୍ଚାଘରେ ରହୁଥିବା ବେଳେ ଆବାସ ଯୋଜନାରେ ବାସଗୃହ ଖଣ୍ଡିଏ ସେମାନଙ୍କୁ ମିଳୁନାହିଁ । ଫଳରେ ବର୍ଷା ଓ ଶୀତ ଋତୁରେ



ଆବାସ ଯୋଜନାରେ ସାମିଲ ପାଇଁ ଅପେକ୍ଷା କରିଥିବା ବେଣାଗାଡ଼ିଆର ଜଣେ ବ୍ୟକ୍ତି ।

ଉକ୍ତ ପରିବାର ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସଯୋଜନା ଓ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ଗରିବ ପରିବାରଙ୍କୁ ବାସଗୃହ ଖଣ୍ଡେ ଖଣ୍ଡେ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ମାତ୍ର ବହୁ ଗରିବ ହିତାଧିକାରୀଙ୍କ ନାମ ପ୍ରଶାସନ ପକ୍ଷରୁ ସଦ୍ୟ ପ୍ରସ୍ତୁତ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଛି । ଆବାସ ଯୋଜନାରେ ବାସଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଅନେକ ଗରୀବ ବ୍ୟକ୍ତିଙ୍କ ନାମ ବର୍ଷ ବର୍ଷ ଧରି ବେଣାଗାଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥିବା ହିତାଧିକାରୀ ତାଲିକାରେ ଗଡୁଥିବା ବେଳେ ଏବେ ନୂତନ କରି ପ୍ରସ୍ତୁତ ହୋଇଥିବା ତାଲିକାରୁ କିଭଳି ସେମାନଙ୍କ ନାମ ବାଦ୍ ପଡ଼ିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଏ ସଂକ୍ରାନ୍ତରେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ଗୋଚ୍ଛି କହିଛନ୍ତି, ଆମ ପଞ୍ଚାୟତର ବେଣାଗାଡିଆ, ମୁରାରୀପୁର, ତେନ୍ତୁଳିଆପଲ୍ଲୀ, କାଦୁଆ, ମାଧବେରେଣୀ ଓ ଅନ୍ୟ ଏକ ପଞ୍ଚାୟତର ସିଂଘାପଡା ଆଦି ଗ୍ରାମରେ ଥିବା ୫ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା ନାହିଁ । ଫଳରେ ବର୍ଷା ଅଭାବରୁ ରବି ଓ ଧାନ ଫସଲ କ୍ଷତିଗ୍ରସ୍ତ ହେଉଛି । ବେଣାଗାଡିଆ, କାଦୁଆ ଅଞ୍ଚଳର ଅକ୍ଷୟ ବିଶ୍ୱାଳ, ଲକ୍ଷ୍ମୀଧର ରାଉତ, ବିଭୁତି ମହାପାତ୍ର, ଶବର ମଲ୍ଲିକ ପ୍ରମୁଖ କହିଛନ୍ତି, ୫,୬ ଓ ୭ ନମ୍ବର ୱାର୍ଡକୁ ନେଇ ଗଠିତ କାଦୁଆ ଗ୍ରାମ । ଏହି ଗ୍ରାମ ଦେଇ ପ୍ରତ୍ୟହ ଶତାଧିକ ବ୍ୟକ୍ତି ନୂଆ ଗଡିଆ ସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାନ୍ତି । ମାତ୍ର ସେହି ଅଣ ଓସାରିଆ ରାସ୍ତାର ଭାଗ୍ୟ ବଦଳିଲା ନାହିଁ । ଗ୍ରାମରେ ୬୦ରୁ ଊର୍ଦ୍ଧ୍ୱ ଗରିବ ପରିବାର ରହିଥିଲେ ମଧ୍ୟ ସେମାନଙ୍କୁ ସରକାରଙ୍କ କୌଣସି କଲ୍ୟାଣ ଯୋଜାନାରେ ସାମିଲ କରାଯାଇନାହିଁ । ବିଭିନ୍ନ ଗାଁରେ ପାଣି ସମସ୍ୟା ଲାଗି ରହିଛି । ନବ ନିର୍ମିତ ଏଏନଏମ ଭୂତ କୋଠି ପାଲଟିଛି । ବେଣାଗାଡ଼ିଆ ଛକରୁ ମୁରାରୀପୁର ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ପାଣି ବହୁଛି । ଆବାସଯୋଜନା ହିତାଧିକାରୀ ଚୟନରେ ହୋଇଥିବା ଅନିୟମିତତା ଯୋଗୁ ସ୍ଥାନୀୟ ଅଞ୍ଚଳର ମାନସ ନାୟକ, ଯୁଧିଷ୍ଠିର ରାଉତ, ବିନ୍ଧୁ ବିଶ୍ୱାଳ, ବ୍ରଜକିଶୋର ନନ୍ଦ, ଗୋଲାପ ସାହୁ, ବିନି ସ୍ୱାଇଁ, ମାଳତୀ ନାୟକ, ଝୁନା ରାଉତ, କାଜଲ ବେହେରାଙ୍କ ପରି ଅନେକ ଗରୀବ ପରିବାରଙ୍କ ପାଇଁ ଆବାସ ଯୋଜନା ସାତ ସପନ ପାଲଟିଛି । ଆବାସ ଯୋଜନାରେ ଗୃହ ପାଇବାକୁ ବଞ୍ଚିତ ହିତାଧିକାରୀ ଅଭିଯୋଗ ପତ୍ର ଧରି ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ନିକଟକୁ ଦୌଡୁଥିଲେ ହେଁ କେହି ଗୁରୁତ୍ୱ ଦେଉ ନାହାନ୍ତି । ଖଣ୍ଡପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜନଶୁଣାଣି ଶିବିରରେ ଆବାସଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ ।

## ହୃଦ୍‌ଘାତରେ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡ଼ା, ୯।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତସ୍ଥିତ ରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିକ୍ଷୀତ ନାୟକ(୫୦)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ପଙ୍କାଳ ଗ୍ରାମର ବାସିନ୍ଦା ତଥା ପ୍ରଧାନ ଶିକ୍ଷକ ନାୟକଙ୍କ ବିୟୋଗରେ ଗ୍ରାମବାସୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ନାୟକ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଥିଲେ । ଏହି ଅବସରରେ ବୁଧବାର ବିଦ୍ୟାଳୟ ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ନାୟକ ବୌଦ୍ଧ ଜିଲା କୁସଙ୍ଗରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ଼ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

## ଖଣ୍ଡପଡ଼ା ବ୍ଲକର ୩ କଲେଜର ବିକାଶ ପାଇଁ ୩.୨୫ କୋଟି ଟଙ୍କା ମଞ୍ଜୁର

ଖଣ୍ଡପଡ଼ା, ୯।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ଓ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ସାମଗ୍ରୀକ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନୁଦାନ ପାଣ୍ଠିରୁ ୨୦୨୩-୨୪ ବର୍ଷ ପାଇଁ ସର୍ବମୋଟ ୩.୨୫ କୋଟି ଟଙ୍କା ସହାୟକ ରାଶି ପ୍ରଦାନ କରାଯାଇଛି । ନୟାଗଡ଼ ଜିଲାର ଦ୍ୱିତୀୟ ପୁରାତନ କଲେଜ ଭାବେ ପରିଚିତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଯୁକ୍ତ ୨ ପାଇଁ ୧ କୋଟି ଓ ଡ଼ିଗ୍ରୀ କଲେଜ ପାଇଁ ୫୦ ଲକ୍ଷ ଏପରି ସର୍ବାଧିକ ୧.୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ପଠାଣି ସାମନ୍ତ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ପାଇଁ ୫୦ଲକ୍ଷ ଲେଖାଏଁ ୧ କୋଟି ଓ ମହିଳା ମହାବିଦ୍ୟାଳୟର ଯୁକ୍ତ୨ ପାଇଁ ୫୦ ଲକ୍ଷ ଓ ଯୁକ୍ତ ୩ ପାଇଁ ୨୫ ଲକ୍ଷ ଏପରି ୭୫ ଲକ୍ଷ ଟଙ୍କା ଅନୁଦାନ ଅର୍ଥ ପ୍ରଦାନ କରାଯାଇଛି । ଉକ୍ତ ଅର୍ଥରେ ଅତିରିକ୍ତ ସ୍ମାର୍ଟ କ୍ଲାସ ରୁମ୍, ଓ ଅନ୍ୟ ଶ୍ରେଣୀ ଗୃହର ଉନ୍ନତିକରଣ, ଇ-ଲାଇବ୍ରେରୀ, ସାଇନ୍ସ ଲାବୋରଟାରୀ ସମେତ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଏବଂ ଖେଳ ପଡ଼ିଆର ଉନ୍ନତିକରଣ କରାଯିବାକୁ ନିର୍ଦ୍ଦେଶ ରହିଛି । ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ଅଞ୍ଚଳବାସୀ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଚାଷୀଙ୍କ ୩ ଦଫା ସମସ୍ୟା ନେଇ ଫେରାଦ୍
### ଜିଲାପାଳଙ୍କୁ ଭେଟିଲା ଓଡ଼ିଶା କୃଷକ ସଭା

ନୟାଗଡ଼, ୯।୮ (ଲୋକନାଥ ମିଶ୍ର)

ଓଡିଶା କୃଷକ ସଭାର ନୟାଗଡ଼ ଜିଲା କମିଟି ମଙ୍ଗଳବାର ଜିଲାପାଳଙ୍କୁ ଭେଟି କୃଷକମାନଙ୍କ ୩ ଦଫା ଦାବି ପୂରଣ କରିବାକୁ ଫେରାଦ୍ ହୋଇଛି । ଧାନ ବିକ୍ରି ପାଇଁ କରାଯାଉଥିବା ଚାଷୀ ପଞ୍ଜୀକରଣ ୧ମାସ ବୃଦ୍ଧି, ଭାଗଚାଷୀ ମାନଙ୍କୁ ସରକାରୀ ଧାନ ମଣ୍ଡିରେ ଧାନ ବିକ୍ରୟ କରିବା ନିମନ୍ତେ ସୁନିଶ୍ଚିତ କରାଇବା, ସାର କଳାବେପାରୀ ବନ୍ଦ କରିବା ଦାବି ଏଥିରେ ସ୍ଥାନ ପାଇଛି । କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଗଣେଶ ନାୟକ, ପବିତ୍ର ଇନ୍ଦ୍ରଜିତ୍, ଗଦାଧର ପ୍ରଧାନ, କୁଳମଣି ପୃଷ୍ଟି, ନିରଞ୍ଜନ ସାହୁ ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି । ଦାବିପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

## ଏକାଧିକ ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ

ଖଣ୍ଡପଡ଼ା, ୯।୮ (ଅଜୟ କୁମାର ମହାରଣା)

ପ୍ରଶାସନିକ ଉଦାସୀନତା ତଥା ଆନ୍ତରିକତାର ଅଭାବ ଯୋଗୁ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ନିର୍ମାଣଧୀନ ଅଙ୍ଗନୱାଡ଼ି କେନ୍ଦ୍ର ବହୁ ବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । କେଉଁଠି ଅଙ୍ଗନୱାଡ଼ି କେନ୍ଦ୍ରର ଛାତ ପଡିଛି ତ ସିମେଣ୍ଟ ପ୍ଲାଷ୍ଟର ହୋଇନାହିଁ । ଅନେକ ସ୍ଥାନରେ ଗୃହରେ ଝରକା, କବାଟ ଲାଗି ନାହିଁ କି ବିଦ୍ୟୁତ କି ପାଣି ସଂଯୋଗ କରାଯାଇ ନାହିଁ । ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଦାୟିତ୍ୱ ବ୍ଲକ ପ୍ରଶାସନ ଉପରେ ନ୍ୟସ୍ତ ରହିଛି । ହେଲେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଉଦାସୀନତା ଓ ଠିକାଦାରମାନଙ୍କ ମନମାନି ଯୋଗୁ ଏକାଧିକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ । ଏହାର ପରିଣାମ ସ୍ୱରୁପ କୋମଳମତି ଶିଶୁମାନେ ଗାଁର କୋଠଘରେ, ବିଦ୍ୟାଳୟ ବାରଣ୍ଡାରେ, ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ବସି ପାଠ ପଢୁଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅଙ୍ଗନୱାଡ଼ି କର୍ମୀମାନେ ଏ ସମ୍ପର୍କରେ ସରପଞ୍ଚ, ବିଡିଓ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ପୂର୍ଣ୍ଣାଙ୍ଗ କରିବା ଦିଗରେ ବ୍ଲକ ପ୍ରଶାସନ, ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## କାମରେ ଲାଗୁନି ପ୍ରାଣୀ ସହାୟକ କେନ୍ଦ୍ର

ଖଣ୍ଡପଡ଼ା, ୯।୮ (ଅଜୟ କୁମାର ମହାରଣା)

ପ୍ରଶାସନିକ ଖାମଖିଆଲି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବରୁ ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା ଗ୍ରାମଠାରେ ଦୀର୍ଘ ୧୦ ବର୍ଷ ତଳେ ନିର୍ମାଣ ହୋଇଥିବା ପ୍ରାଣୀ ସହାୟକ କେନ୍ଦ୍ର କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଛି । ଏହି କେନ୍ଦ୍ରରେ ଦିନରାତି ତାଲା ଝୁଲୁଛି । ସିଂଘାପଡା, ଗଡିଆସାହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଗୃହ ପାଳିତ ପଶୁ, ପକ୍ଷୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରାଣୀ ସହାୟକ କେନ୍ଦ୍ରଟି ଖଳିସାହି – କୋସକା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ନିର୍ମାଣ କରାଯାଇଥିଲା । ମାତ୍ର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଅଦ୍ୟାବଧି ସେଠାକୁ ରାସ୍ତା, ବିଦ୍ୟୁତ ଓ ପାଣି ସଂଯୋଗକରଣ କରାଯାଇ ନ ଥିବା ଜଣାପଡିଛି । ଫଳରେ ଅଞ୍ଚଳବାସୀଙ୍କୁ ସେବା ଯୋଗାଇବାରେ ଏହି ପ୍ରାଣୀ ସହାୟକ କେନ୍ଦ୍ର ବିଫଳ ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଇଛି । ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଦାବି ହେଉଛି । ନଚେତ୍ ନିକଟ ଭବିଷ୍ୟତରେ ପ୍ରାଣୀ ସହାୟକ କେନ୍ଦ୍ରଟି ଭୂତକୋଠି ପାଲଟିବାର ଆଶଙ୍କା ପ୍ରକାଶ ପାଇଛି ।



## ସଂକ୍ଷେପରେ

### କଂଗ୍ରେସ ନେତା ଦେବବ୍ରତ କଣ୍ଟଙ୍କ ବିୟୋଗ

ଯାଜପୁର ଟାଉନ,୯।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା କଂଗ୍ରେସର ବରିଷ୍ଠ ନେତା ଦେବବ୍ରତ କଣ୍ଟଙ୍କ ଆକସ୍ମିକ ବିୟୋଗ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରୁ ଶୋକବ୍ୟକ୍ତ କରାଯାଇଛି। ସେ ଆନ୍ଧ୍ରପ୍ରଦେଶ କ୍ୟାଡ୍ରର ଭାରତୀୟ ପ୍ରଶାସନିକ ସେବାରେ କାର୍ଯ୍ୟ କରିବା ପରେ ୨୦୦୯ରେ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କ ଅକାଳ ବିୟୋଗରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର, ଭାଜପା ଜିଲା ସଭାପତି ଗୌତମ ରାୟ, କଂଗ୍ରେସ ଜିଲା ସଭାପତି ମନୋଜ କୁମାର ରାଉତ, ପୂର୍ବତନ ରାଜ୍ୟସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ଅଞ୍ଚଳ ଦାସ, ସନ୍ତୋଷ ନନ୍ଦ, ଭଳଭଦ୍ର ଦାସ ଓ ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଅଣାୟତ୍ତ ଘରୋଇ ସ୍କୁଲ

କୋରେଇ,୯।୮ (ଚନ୍ଦ୍ରକାନ୍ତ ପତି):




■ ବିନା ସିଓଆର୍‌ରେ ଚାଲିଛି ୨୦ରୁ ଊର୍ଦ୍ଧ୍ୱ ସ୍କୁଲ
■ ଶିଶୁଙ୍କ ଭବିଷ୍ୟତ ସହ ଖେଳ
■ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ

କୋରେଇ ବ୍ଲକ ଅଧୀନରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଘରୋଇ ସ୍କୁଲ ରହିଛି। ଏଥିରୁ ୫୨ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲ୍ ରହିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ସ୍କୁଲ୍ ବେଆଇନ ଭାବେ ଗଢ଼ିଉଠିଛି। ମାତ୍ର ବିଡ଼ମ୍ବନାର ବିଷୟ ସ୍ୱୀକୃତିପ୍ରାପ୍ତ ସ୍କୁଲ୍‌ଗୁଡ଼ିକ ମଧ୍ୟରୁ ଏକାଧିକ ସ୍କୁଲ୍ ସରକାରୀ ଜମିରେ ଚାଲୁଥିବାବେଳେ ଅନ୍ୟକିଛି ଶିକ୍ଷାନୁଷ୍ଠାନ ଆବଶ୍ୟକ ଭିତ୍ତିଭୂମି ନ ଥାଇ ସିଓଆର୍ (ସାର୍ଟିଫିକେଟ ଅଫ୍ ରିକୋଗ୍ନାଇଜେଶନ) ହାତେଇଛନ୍ତି। ଯାଜପୁର ଜିଲା ଶିକ୍ଷା ବିଭାଗର କେତେଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମାସିକ ମୋଟା ଅଙ୍କର ହାତଗୁଞ୍ଜାଦେଇ ଘରୋଇ ସ୍କୁଲ ମାଲିକମାନେ ସୁରକ୍ଷିତ ଭାବେ ଶିକ୍ଷାକୁ ବେପାରରେ ପରିଣତ କରିଛନ୍ତି।

ପିଲାଙ୍କ ପାଇଁ ପିଇବା ପାଣି, ଖେଳପଡ଼ିଆ, ଶୌଚାଳୟ ଓ ଆବଶ୍ୟକ କ୍ଲାସରୁମର ବ୍ୟବସ୍ଥା ନ ଥାଇ ସ୍କୁଲ୍‌ଗୁଡ଼ିକ ଚାଲୁଛି। ଅନେକ ଶିଶୁ ମନ୍ଦିରରେ କର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ କୌଣସି ତାଲିମ ନ ନେଇ ପିଲାଙ୍କୁ ଶିକ୍ଷାଦାନ କରୁଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ଥିବାରୁ ନିର୍ଦ୍ୱନ୍ଦ୍ୱରେ ଏହି ବେଆଇନ ସ୍କୁଲ୍‌ଗୁଡ଼ିକ ଚାଲୁଥିବା ଆଲୋଚନା ହେଉଛି। ଅଧିକାଂଶ ସ୍କୁଲ୍‌ରେ ସରକାରୀ ଗାଇଡଲାଇନ ଅନୁଯାୟୀ ଆବଶ୍ୟକ ଭିତ୍ତିଭୂମି ନ ଥିଲେ ମଧ୍ୟ ଶିକ୍ଷା ବିଭାଗର କେତେଜଣ ଦୁର୍ନୀତିଖୋର ଅଧିକାରୀ ଅର୍ଥ ଲାଳସାରେ ଗନ୍ତବ୍ୟସ୍ଥଳୀ ପରିଭ୍ରମଣ ନ କରି ସ୍ୱୀକୃତି ପ୍ରମାଣପତ୍ର (ସିଓଆର୍) ପ୍ରଦାନ କରିଥିବା ଚର୍ଚ୍ଚା ହେଉଛି। ବେଆଇନଭାବେ ଚାଲୁଥିବା ଅଧିକାଂଶ ସ୍କୁଲରେ ଅନଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ପିଲାଙ୍କୁ ଶିକ୍ଷା ପ୍ରଦାନ କରି ଅଭିଭାବକଙ୍କ ନିକଟରୁ ମାସିକ ମୋଟା ଅଙ୍କର ଅର୍ଥ ଅସୁଲ କରାଯାଉଛି। ବ୍ଲକ ଅଧୀନ ରଗଡ଼ି ଅଞ୍ଚଳରେ ଏକାଧିକ ସ୍କୁଲର ଆବଶ୍ୟକ ଭିତ୍ତିଭୂମି ନ ଥାଇ କିଛି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଫ୍ରାଞ୍ଚାଇଜ ଆଣି ସ୍କୁଲ ଖୋଲି ନିଜର ବେପାର ଚଳାଇଛନ୍ତି। ସେହିପରି ସରକାରୀ ଗାଇଡ୍‌ଲାଇନର ଅନୁପାଳନ ନ କରି ଶାଳକଣା ଅଞ୍ଚଳରେ ଏକ ବେଆଇନ ସ୍କୁଲ ଗଢ଼ିଉଠିଛି। ଏଥିରେ ମଧ୍ୟ ଶତାଧିକ ଶିଶୁ ଅଧ୍ୟୟନ କରୁଛନ୍ତି। ଏହିପରି ଢଙ୍ଗରେ କୋରେଇ ବ୍ଲକ ଅଧୀନରେ ଅଧିକାଂଶ ଘରୋଇ ସ୍କୁଲ ମାଲିକମାନେ ଶିଶୁଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଏନେଇ ଜିଲା ଶିକ୍ଷା ବିଭାଗ ନିକଟରେ ଯେତେ ଅଭିଯୋଗ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ସରକାରୀ ସ୍କୁଲ୍‌ଗୁଡ଼ିକ ପ୍ରତି ଅଭିଭାବକ ମୁହଁ ଫେରାଇ ନେଉଥିବାବେଳେ କୋରେଇ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ବ୍ୟପର୍ଯ୍ୟସ୍ତ ହେବାରେ ଲାଗିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କୁ ଫୋନ୍ ଦ୍ୱାରା ଏକାଧିକ ଥର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ ଗ୍ରହଣ କରି ନ ଥିଲେ। କୋରେଇ ମଣ୍ଡଳ ଶିକ୍ଷାଅଧିକାରୀ ସୁଦର୍ଶନ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି।

## ଭଗତପୁର ଗ୍ରାମରେ ଚାରାରୋପଣ ଶୁଭାରମ୍ଭ



ବିଧାୟକ ଓ ଅନ୍ୟମାନେ ଚାରା ରୋପଣ କରୁଛନ୍ତି।

ରସୁଲପୁର,୯।୮ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଭଗତପୁର(ପଦ୍ମପୁର) ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନୁଦାନରୁ ୧୦ଲକ୍ଷ ଟଙ୍କା ବ୍ୟୟ କରାଯାଇ ଚାରାରୋପଣ କରାଯିବ। ମଙ୍ଗଳବାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଚାରାଲଗାଇ ଏହାର ଶୁଭାରମ୍ଭ କରିବା ସହ ପ୍ରତ୍ୟେକ ଗଛର ସୁରକ୍ଷା ଦାୟିତ୍ୱ ପଞ୍ଚାୟତ ଓ ଗ୍ରାମବାସୀ ନେବାକୁ ପରାମର୍ଶ ଦେଇଛନ୍ତି।

୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ଅନୁମୋଦିତ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏହି ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇ ପାରିଲେ ୭୪୦୦ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇପାରିବ। ଏ ବାବଦରେ ୫,୬୮,୩୨୦ଟଙ୍କା ବ୍ୟୟ କରାଯିବାକୁ ଲକ୍ଷ୍ୟ ରହିଛି। ଗଛଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ବାଡ଼ ଓ ଅନ୍ୟାନ୍ୟ ବ୍ୟବହାର ସାମଗ୍ରୀ ବାବଦକୁ ୪,୩୧,୬୮୦ ଟଙ୍କା ବ୍ୟୟ ବରାଦ କରାଯିବ। କାର୍ଯ୍ୟକ୍ରମରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବିଡିଓ ଅବନିକାନ୍ତ ସାହୁ, ସ୍ଥାନୀୟ ସରପଞ୍ଚ ଆୟୁଷମିତ ଦାସ, ସମିତିସଭ୍ୟା ସୌଦାମିନୀ ସ୍ୱାଇଁ, ସରପଞ୍ଚ ହୃଦାନନ୍ଦ ସାହୁ, ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା, ଯୁବ ସଭାପତି ମନୋଜ ରାଉତ, ନିହାର ରଞ୍ଜନ ଦାସ, ବିନୋଦ ବିହାରୀ ରାଉତ, ନିର୍ବାହୀ ଅଧିକାରୀ ସୁଧୀର ମହାନ୍ତି ଓ ପଞ୍ଚାୟତର ଛାମୁଆ କର୍ମୀମାନେ ଯୋଗଦେଇଥିଲେ।

## ପୋଲିସ ଆକ୍ରମଣରେ ଜଣେ ଗୁରୁତର

ବ୍ରହ୍ମବରଦା,୯।୮ (ଯଯାତି କେଶରୀ ବେହେରା)

ଧର୍ମଶାଳା ବ୍ଲକ୍ ଅଧୀନ ୧୫ନଂ. ଜୋନ ଜିଲାପରିଷଦ ସଭ୍ୟ ଉପନିର୍ବାଚନ ପାଇଁ ମଙ୍ଗଳବାର ରାତିରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ଧର୍ମଶାଳା ଥାନା କୋଟପୁର ଫାଣ୍ଡି ଭଗବାନପୁର ଗ୍ରାମର ଜଗୁ ମଲିକ (୨୫)ଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୧୧ଟାରେ ସେ ତାଙ୍କ ଘର ବାରଣ୍ଡାରେ ପରିବାର ବର୍ଗଙ୍କ ସହ ବସିଥିବା ସମୟରେ କୋଟପୁର ଫାଣ୍ଡି ଅଧିକାରୀ ଓ ତାଙ୍କ ଟିମ୍ ପହଞ୍ଚି କାହିଁକି ଏଠାରେ ବସିଛ ବୋଲି କହି ଅଚାନକ ମାଡ଼ ମାରିବା ଆରମ୍ଭ କରିଥିଲେ। ଭୟରେ ପଡ଼ୋଶୀ ଏଣେ ତେଣେ ଦୌଡ଼ିବାକୁ ଲାଗିବା ସମୟରେ ଜଗୁ ନିଜ ଛାତ ଉପରକୁ ଚଢ଼ିଯାଇଥିଲେ। ପୋଲିସ ଜଗୁଙ୍କୁ ପିଛା କରି ଛାତଉପରକୁ ଯିବାରୁ ସେ ଅନ୍ଧାରରେ ଛାତରୁ ଗଳିପଡ଼ି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସର ଏଭଳି ବର୍ବରତା କାଣ୍ଡକୁ ସ୍ଥାନୀୟ ଲୋକେ ନା ପସନ୍ଦ କରିବା ସହିତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ପୁଣି ହରିପୁର ଆକ୍ସିସ୍ ବ୍ୟାଙ୍କ୍ ଏଟିଏମ୍‌ରୁ ଲୁଟ୍

■ ୧୧ ମାସ ୧୮ ଦିନରେ ଲୁଟି ନେଲେ ଦୁର୍ବୃତ୍ତ
■ ସେବେ ୩.୯୨ଲକ୍ଷ, ଏବେ ୧୮.୧୪ଲକ୍ଷ ନେଇଗଲେ




ରସୁଲପୁର,୯।୮ (ରଞ୍ଜିତ ରାଉତ):

କୁଆଖିଆ ଥାନା ହରିପୁର ବଜାରସ୍ଥିତ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍‌ରୁ ମଙ୍ଗଳବାର ରାତି ପ୍ରାୟ ୨ଟା୩୦ରେ ପୁଣି ଲୁଟ୍ ହୋଇଛି। ପ୍ରଥମଥର ୨୭ ଅଗଷ୍ଟ,୨୦୨୨ରେ ଲୁଟ୍ ହୋଇଥିଲା। ୧୧ ମାସ ୧୮ଦିନ ପରେ ସେହି ଏଟିଏମ୍‌ରୁ ଲୁଟେରା ଆଉଥରେ ଲୁଟି ନେଇଛନ୍ତି। ପୂର୍ବଥର ଭଳି ଏଥର ବି ସମାନ ଢଙ୍ଗରେ ଲୁଟ୍ କରିଛନ୍ତି। ସେତେବେଳେ ଲୁଟେରା ୩.୯୨ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏଥର ୧୮.୧୪ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଏଟିଏମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ନଂ.୨୭୨/୨୩ରେ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ଅନୁସନ୍ଧାନ ଜାରି ରଖିଛି। ବଜାର ଅଞ୍ଚଳର ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଲୁଟ୍ ସମୟରେ ବଜାର ଅଞ୍ଚଳରେ ବୁଲୁଥିବା ଏକ କାରକୁ ଲୁଟେରା ଲୁଟ୍ ପାଇଁ ବ୍ୟବହାର କରିଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରିଛି। ଜିଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଆରମ୍ଭ ହୋଇଛି। ଏସ୍‌ଆଇ ଦୁଷ୍ମନ୍ତ ଦାସଙ୍କୁ ତଦନ୍ତ ଭାର ପ୍ରଦାନ କରାଯାଇଛି।

ପୂର୍ବଥର ଭଳି ଏଥର ଏଟିଏମ୍‌କୁ କାଟିବାରେ ଗ୍ୟାସ କଟର ବ୍ୟବହାର ହୋଇଛି। ଏଟିଏମ୍‌କୁ କାଟି ତା' ମଧ୍ୟରୁ କ୍ୟାସ୍ ଟ୍ରେକୁ ନେଇ ଯାଇଛନ୍ତି। ଉକ୍ତ ଟ୍ରେରେ ୧୮.୧୪ଲକ୍ଷ ଟଙ୍କା ଥିଲା। ଲୁଟ୍‌ରେ ୪/୬ ଦୁର୍ବୃତ୍ତ ସାମିଲ ଥିବା ଜଣାଯାଇଛି। ଆନ୍ତଃରାଜ୍ୟ ଲୁଟେରାଙ୍କ ସମ୍ପୃକ୍ତି ରହିଛି ବୋଲି ପୋଲିସ ଜାଣିବାକୁ ପାଇଛି। ଲୁଟ୍ ତରିକାର ବିଭିନ୍ନ ଦିଗକୁ ଯାଞ୍ଚ ପାଇଁ ବିଶେଷଜ୍ଞ ଦଳର ସହାୟତା ନିଆଯାଇଛି। ଏଥର ଘଟଣାକୁ ପୋଲିସ ଅତି ଗୁରୁତର ସହ ନେଇଛି। ତେବେ ଲୁଟେରାଙ୍କ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିବାରେ ପୋଲିସ କେତେ ସଫଳ ହେଉଛି ତା' ସମୟ କ୍ରମେ ସ୍ପଷ୍ଟ ହୋଇଯିବ।

ପୂର୍ବଥର ଲୁଟେରା ବିହାର ରାଜ୍ୟ ସମେତ ବିଭିନ୍ନ ମେଟ୍ରୋ ସିଟି ଅଞ୍ଚଳର ବୋଲି ଜଣାପଡିଥିଲା। ସେତେବେଳେ ସେମାନେ ଯାଜପୁର ଟାଉନ ଅଞ୍ଚଳର ଏକ ହୋଟେଲରେ ରହିଥିଲେ। ସେହି ଅଞ୍ଚଳରୁ କେତେକ ସାମଗ୍ରୀ କିଣିଥିଲେ। ଲୁଟରେ ଏକାଧିକ କାର ବ୍ୟବହାର ହୋଇଥିଲା ବୋଲି ତଦନ୍ତ ବେଳେ ଜଣାପଡିଥିଲା। ପୂର୍ବ ଲୁଟ ମାମଲାକୁ ପୂର୍ବତନ ଥାନା ଅଧିକାରୀ ଶିବର ଚରଣ ବେହେରା ତଦନ୍ତ କରୁଥିଲେ। ଲୁଟ୍‌ରେ ସମ୍ପୃକ୍ତ ଥିବା ଜଣେ ଲୁଟେରାଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିବା ବେଳେ ମାଷ୍ଟର ମାଇଣ୍ଡିକୁ ଧରିବାରେ ବିଫଳ ହୋଇଥିଲା। ଲୁଟେରାଙ୍କୁ କାବୁ କରି ଜିଲାରେ ଏଭଳି ଘଟଣାର ପୁନରାବୃତ୍ତି ଘଟାଇବାରେ ପୂର୍ଣ୍ଣଚ୍ଛେଦ ପକାଇବାରେ ପୋଲିସ କେତେ ସଫଳ ହେଉଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ବିଦ୍ୟୁତ୍ କର୍ମଚାରୀ ମହାସଂଘ ତରଫରୁ ସଚେତନତା କାର୍ଯ୍ୟକ୍ରମ



ବିଦ୍ୟୁତ୍ କର୍ମଚାରୀ ମହାସଂଘ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

ଯାଜପୁର ରୋଡ,୯।୮ (ପବିତ୍ର ମହାନ୍ତି)

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଯାଜପୁର ଜିଲା ଶାଖା ତରଫରୁ ସୁରକ୍ଷା ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି । ଶ୍ରମିକ ନେତା ବିପ୍ଳବ କେଶରୀ ସାମନ୍ତରାୟଙ୍କ ନେତୃତ୍ୱରେ ଏହା ପରିଚାଳିତ ହୋଇଥିଲା। ସଂଘ ତରଫରୁ କାର୍ଯ୍ୟରତ ଶ୍ରମିକମାନଙ୍କ ସୁରକ୍ଷା ନିରାପତ୍ତା ନିମନ୍ତେ ସମସ୍ତ କର୍ମଚାରୀମାନଙ୍କ ଘର ଘର ବୁଲି ଏକ ସଚେତନ ଅଭିଯାନ ହୋଇଥିଲା । ଯାଜପୁର ରୋଡ ସବ୍‌ଡିଭିଜନ ଅଧୀନ ଦଳା ଓ ଚୋରଦା ବିଭାଗର ବିଦ୍ୟୁତ୍ କର୍ମଚାରୀମାନେ କାର୍ଯ୍ୟ କରୁଥିବା ସମୟରେ ଘଟୁଥିବା ଘଟଣା ଓ ଦୁର୍ଘଟଣାକୁ କିପରି ରୋକା ଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ମହାପାତ୍ର, ପପୁନି ବସ୍ତିଆ, ସୁବ୍ରତ ଜେନା, ନିରଞ୍ଜନ ବେହେରା, ଚନ୍ଦନ ଦାସ, କ୍ଷୀରୋଦ ଜେନା, ପଦ୍ମଲୋଚନ ଦାସ, ସୋମ୍ୟ ବଳ, ନୀଳକଣ୍ଠ ସାମଲ, ସୁଶାନ୍ତ ଧଳ ପ୍ରମୁଖ ବିଦ୍ୟୁତ କର୍ମଚାରୀମାନେ ସାମିଲ ହୋଇଥିଲେ।

## ୨ୟ ଯାଜପୁର ଜିଲା ପେନଚାକ୍ ସିଲାଟ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ବିଜୟୀ ପ୍ରତିଯୋଗୀ।

ଯାଜପୁରରୋଡ୍,୯।୮ (ପବିତ୍ର ମହାନ୍ତି):

ଯାଜପୁର ଜିଲାସ୍ତରୀୟ ୨ୟ ପେନଚାକ୍ ସିଲାଟ ପ୍ରତିଯୋଗିତା ଯାଜପୁର ରୋଡ୍‌ସ୍ଥିତ ନନ୍ଦରାମ ବାଟିକାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ସମ୍ମାନିତ ଅତିଥିଭାବେ ବ୍ୟାସନଗର ପବ୍ଲିକ ସ୍କୁଲ୍ ଅଧ୍ୟକ୍ଷା ଡା. ଦେବସ୍ମିତା ସାହୁ ଏବଂ କିଡିକିଡ୍ସ ସ୍କୁଲ୍ ଅଧ୍ୟକ୍ଷ ମାନସ ରଞ୍ଜନ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ସମ୍ବୋଦ୍ଧିତ କରିଥିଲେ। ପ୍ରତିଯୋଗିତାରେ ସମୁଦାୟ ୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରି ବିଭିନ୍ନ ବର୍ଗରେ ପଦକ ହାସଲ କରିଥିଲେ। ପ୍ରତିଯୋଗିତାକୁ ଯାଜପୁର ସଂଘ ସଭାପତି ମାଷ୍ଟର ମନୋରଞ୍ଜନ ଭଞ୍ଜ, ସମ୍ପାଦକ ବିଚିତ୍ର ବିଶ୍ୱାଳ, ଅଉଳା ଯାତାଧାରୀ ରାଓ, ସୌମ୍ୟ ରଞ୍ଜନ ନାୟକ, ସମ୍ବାରିଆ ପ୍ରଧାନ, ସଞ୍ଜୀବନୀ ଦଳାଇ, ସୁରଜ ସୁମନ ବିଶ୍ୱାଳ ଓ ପ୍ରଜ୍ଞା ପାରମିତା ରାଉତ ପରିଚାଳନା କରିଥିଲେ।

## କଳାବ୍ୟାଜ୍ ପିନ୍ଧି କାର୍ଯ୍ୟକଲେ ପିଇଓ

କଳିଙ୍ଗନଗର,୯।୮ (ଶୁଭାଶିଷ ରାଉତ):

ଦାନଗଦୀ ବ୍ଲକ ପିଇଓ(ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ)ମାନେ କଳାବ୍ୟାଜ୍ ପିନ୍ଧି ସୋମବାରଠାରୁ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଦାବି ପୂରଣ ପାଇଁ ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ଆହ୍ୱାନରେ ପିଇଓମାନେ ଏହି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଦାବିଗୁଡିକ ମଧ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ ୩ କରିବା, ଅନୁନ୍ୟ ୧୦ ବର୍ଷ କାର୍ଯ୍ୟ ତୁଲାଉଥିବା ଅଧିକାରୀଙ୍କୁ ପଦୋନ୍ନତି ଦେବା, ଅଧିକାରୀଙ୍କ ସର୍ବନିମ୍ନ ମାସିକ ଦରମା ଲେଭଲ ୯ ଅନୁଯାୟୀ ୩୫,୪୦୦ କରାଯିବା ଆଦି ରହିଛି। କଳାବ୍ୟାଜ୍ ପିନ୍ଧି ୧୭ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ଚାଲୁରହିବ। ସରକାର ଏଥି ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ ୧୮ ତାରିଖରୁ ଅଧିକାରୀମାନେ ସମୂହ ଛୁଟିରେ ଯିବେ ବୋଲି ଏକ ଦାବିପତ୍ରରେ ଦର୍ଶାଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ରାଉତ, ମନମୋହନ ସାହୁ, ଲିନା ମଲ୍ଲିକ, ପ୍ରଦୀପ ପରିଡା, କୁଳମଣି ଦାସ, ରବୀନ୍ଦ୍ରନାଥ ରାଉତ, ସର୍ଣ୍ଣଲତା ମହାନ୍ତି, ରଜନୀକାନ୍ତ ସେଠୀ, କୁଳମଣି ଦାସ, ପଙ୍କଜ ସାହୁ, କାହ୍ନୁ ମଲ୍ଲିକ, ସମ୍ବାରି ପୂର୍ତ୍ତି, ଚନ୍ଦ୍ରମଣି ଦେଓଗନ, କପିଳଚନ୍ଦ୍ର ସାମଲ, କାମିନୀ ସାହୁ, ଶ୍ରୀକାନ୍ତ ସାହୁ ଓ ସତ୍ୟଭାମା ସାହୁ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଜାରକା ଇନରହୁଇଲ କ୍ଲବ୍ ପକ୍ଷରୁ ବନ୍ଧୁତା ଦିବସ ପାଳିତ

ଧର୍ମଶାଳା,୯।୮ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଜାରକା ଇନରହୁଇଲ କ୍ଲବ ପକ୍ଷରୁ ନିଜସ୍ୱ କାର୍ଯ୍ୟାଳୟରେ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। ସଭାପତି ଶୁଭଲକ୍ଷ୍ମୀ କରଙ୍କ ଅଧ୍ୟକ୍ଷତା ଓ ପୂର୍ବତନ ସଭାପତି ମିନତି ସାହୁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ମୁଖ୍ୟଅତିଥି, ଜାରକା ରୋଟାରି କ୍ଲବ ସଭାପତି ଇଂ. ବିପିନ କିଶୋର ଷଡ଼ଙ୍ଗୀ ଓ ସମ୍ପାଦକ ଜୟଗୁରୁ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବନ୍ଧୁତା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଇନରହୁଇଲର ସଦସ୍ୟାମାନେ ରୋଟାରି କ୍ଲବର ସଦସ୍ୟମାନଙ୍କୁ ବନ୍ଧୁତ୍ୱ ରାଖି ବାନ୍ଧି ସ୍ୱାଗତ କରିଥିଲେ।

କାର୍ଯ୍ୟକ୍ରମରେ ଇନରହୁଇଲ କ୍ଲବ୍ ପୂର୍ବତନ ସଭାପତି ମାଧୁରୀ ଶତପଥୀ, ପ୍ରତିଭା ସାହୁ, ରଶ୍ମିତା ନାୟକ, କଳ୍ପନା ପରିଡ଼ା, ସକୁନ୍ତଳା ମହାନ୍ତି, ଅଜନ୍ତା ପଣିଗ୍ରାହୀ, ଲୋପାମୁଦ୍ରା ଷଣ୍ଢ, ଉପାଷନା ଶତପଥୀ, କଳ୍ପନା ନାୟକ, ସରୋଜିନୀ ପଣ୍ଡା, ଅର୍ଚ୍ଚନା ସ୍ୱାଇଁ, କାଦମ୍ବିନୀ ମିଶ୍ର, ପ୍ରଭାତ ନଳିନୀ ସାହୁ, ଗୋଲାପ ପଣ୍ଡା, କଳ୍ପନା ଖୁଣ୍ଟିଆ ଓ ରୋଟାରି କ୍ଲବର ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଅଜାମ୍ବର ସାହୁ, କଳାକର ମହାନ୍ତି, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ହରିହର ପଣ୍ଡା, ନିରଞ୍ଜନ ପାଣିଗ୍ରାହୀ, ଜୟନ୍ତ କୁମାର ସାହୁ, ପ୍ରମୋଦ ସାମଲ, ଧରଣୀଧର ଦାଶ, ସୁକାନ୍ତ ସ୍ୱାଇଁ, ଦେବେନ୍ଦ୍ର ସାହୁ, ଇନ୍ଦ୍ରମଣି ନାୟକ, ରଶ୍ମିରଞ୍ଜନ ରାୟ ଓ ଦୀପକ ଜେନା ପ୍ରମୁଖ ଉପସ୍ଥିତ ରହି ବନ୍ଧୁତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଇନରହୁଇଲ କ୍ଲବ୍ ସମ୍ପାଦିକା ବିଶ୍ୱାମିତ୍ରା ସାହୁ ଧନ୍ୟବାଦ ଦେଇଥିଲେ।




ବନ୍ଧୁତା ଦିବସରେ ସାମିଲ ହୋଇଥିବା ଇନରହୁଇଲ କ୍ଲବର ସଦସ୍ୟାମାନେ।

## ଜନଜାତି ଆମ ସଂସ୍କୃତିର ମୂଳ ଉତ୍ସ: ମନ୍ତ୍ରୀ

**ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ**

କାଳିଆପାଣି,୯।୮ (ଅସିତ ମହାନ୍ତ):




କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।



ଆଦିବାସୀଙ୍କ ବିଭିନ୍ନ କଳାକୃତି ପ୍ରଦର୍ଶିତ ହେଉଛି।

ଟାଟା ଷ୍ଟିଲ ମାଇନିଂ ପକ୍ଷରୁ ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନଜାତି ଆମ ସଂସ୍କୃତିର ମୂଳ ଉତ୍ସ ବୋଲି ପ୍ରକାଶ କରିଥିଲେ। ଟାଟା ଷ୍ଟିଲ ମାଇନିଂ ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ବୁଧବାର ଅନୁଷ୍ଠିତ ଏହି ଉତ୍ସବରେ କମ୍ପାନୀ ପକ୍ଷରୁ ଆଦିବାସୀ ସଂସ୍କୃତି ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଯେଉଁଥିରେ ଆଦିବାସୀ କଳାକୃତି, ରୋଷେଇ ଉପକରଣ, ବାସନକୁସନ, ସଙ୍ଗୀତ ଉପକରଣ, ଚାଷଉପକରଣ, ପୋଷାକ ପରିଚ୍ଛଦ ଓ ଅଳଙ୍କାର ଆଦିକୁ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ହୋ, ସାନ୍ତାଳ, ମୁଣ୍ଡା, ଭୂମିଜ, ଜୁଆଙ୍ଗ ଓ ମାଙ୍କିଡ଼ିଆ ଭଳି ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଆସିଥିବା ପରିଦର୍ଶକମାନଙ୍କୁ ଆଦିବାସୀ ସଂସ୍କୃତି ଓ ଜୀବନଶୈଳୀର ଅନେକ କାହାଣୀ ରୋମାଞ୍ଚିତ କରିଥିଲା। ଆଦିବାସୀ ପରମ୍ପରା ଓ ରୀତିନୀତି କେତେ ସ୍ୱତନ୍ତ୍ର ଏବଂ ସମୃଦ୍ଧ ତାହା କାର୍ଯ୍ୟକ୍ରମରୁ ବେଶ ବାରି ହୋଇ ପଡ଼ିଥିଲା। ଜୁଆଙ୍ଗ ଜନଜାତି କିଭଳି ବାଉଁଶରେ ତିଆରି ପାନିଆ ଜରିଆରେ ପୁଅଟିଏ ନିଜ ପସନ୍ଦର ଝିଅକୁ ପ୍ରେମ ନିବେଦନ କରିଥାଏ, ସେଭଳି ଅନେକ ଚମତ୍କାର କାହାଣୀ କାର୍ଯ୍ୟକ୍ରମରୁ ଆଗନ୍ତୁକମାନେ ଜାଣିବାକୁ ପାଇଥିଲେ।

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ପରମାନନ୍ଦ ପଟେଲ ଯୋଗଦେଇ ଏସ୍‌ସି ଓ ଏସ୍‌ଟି ସମ୍ପ୍ରଦାୟର ଅଧିକାର ଉପରେ ବର୍ଣ୍ଣନା କରିବା ସହ ସରକାରଙ୍କ ତରଫରୁ ସେମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ କଲ୍ୟାଣମୂଳକ ଯୋଜନା ବିଷୟରେ ଆଲୋକପାତ କରିଥିଲେ।

ଟାଟା ଷ୍ଟିଲ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଥିଲେ, ବିବିଧ ଆଦିବାସୀ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଆମେ ସର୍ବଦା କାର୍ଯ୍ୟ କରିଆସିଛୁ। ଏହି ଗୌରବମୟ ସଂସ୍କୃତି ଏବଂ ସ୍ୱଦେଶୀ ଲୋକଙ୍କ ଜୀବନଶୈଳୀ ପ୍ରତି ସମ୍ମାନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ କରୁଛୁ। ଆଦିବାସୀ ଓ ସ୍ୱଦେଶୀ ଖାଦ୍ୟ, ଔଷଧୀୟ ଅଭ୍ୟାସ, ସଙ୍ଗୀତ, ଐତିହ୍ୟ ଇତ୍ୟାଦିର ପ୍ରସାର କରିବା ଲାଗି ନିଆଯାଇଥିବା ବିଭିନ୍ନ ଅଭିଯାନର ଏହା ଏକ ଅଂଶ, ଯାହା ଜରିଆରେ ଏହି ସମୃଦ୍ଧ ପରମ୍ପରା ଭବିଷ୍ୟତ ପିଢ଼ି ପାଇଁ କିଭଳି ସଂରକ୍ଷିତ ରହିବ ତାହା ସୁନିଶ୍ଚିତ କରାଯାଉଛି। ବିଭିନ୍ନ ଅଭିଯାନ ଜରିଆରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଲାଗି ଆମେ ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମାଇନିଂ କମ୍ପାନୀର ଲୋକ ସମ୍ପର୍କ ବରିଷ୍ଠ ଅଧିକାରୀ ଅମ୍ବିକା ନନ୍ଦ, ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସହ ମୁଖ୍ୟ ସଞ୍ଜୀବ ସାହୁ, କର୍ପୋରେଟର କମ୍ୟୁନିକେଶନର ବରିଷ୍ଠ ଅଧିକାରୀ ଜ୍ୟୋତିପ୍ରକାଶ ନାୟକ, ଆଦିବାସୀ ନେତା ନାରାୟଣ ଚନ୍ଦ୍ର ଧୀର, ଟିଏସ୍‌ଏଫ୍ ସୁକିନ୍ଦା ମୁଖ୍ୟ ଦେବଞ୍ଜନ ମୁଖାର୍ଜୀ, ଆଦିବାସୀ ନେତା ଲମ୍ବୋଦର ମୁଣ୍ଡା ଓ ନାରୀନେତ୍ରୀ ତଥା ଜିଲା ପରିଷଦ ସଭ୍ୟ ଜେମା ଚାଖି ପ୍ରମୁଖ ସାମିଲ ହୋଇଥିଲେ।

## ବିଷନପୁରରେ ଗୁଳିମାଡ଼ରେ ଜଣେ ଗୁରୁତର

ତିର୍ତ୍ତୋଲ, (ଗୌରାଙ୍ଗ ଚରଣ ସ୍ୱାଇଁ) : ଜଗତ୍‌ସିଂହପୁର ଜିଲା କୃଷ୍ଣାନନ୍ଦପୁର ଥାନା ବିଷନପୁରରଠାରେ ବୁଧବାର ରାତିରେ ଗୁଳିମାଡ଼ରେ ଜଣେ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗୋଟିଏ ଗୁଳି ବାଜି ଥିବା ପୋଲିସ କହିଛି। ଗୁଳିମାଡରେ ଗୁରୁତର ହୋଇଥିବା ମୁଜାଫରଙ୍କ ଘର ବିଷନପୁରର କୋଲଟା ଗ୍ରାମରେ ବୋଲି ଜଣାପଡିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୁଳିକାଣ୍ଡ ଘଟିଥିବା ଆଲୋଚନା ହେଉଛି। ସାଇଫନ ଛକରେ ଗ୍ୟାରେଜ କରିଥିବା ବାବୁ ନାମକ ଜଣେ ଯୁବକ ଏହି ଗୁଳିମାଡ କରିଥିବା ପୋଲିସ ସୂଚନା ଦେଇଛି। ଗୁଳିମାଡ଼ ଘଟାଇଥିବା ଯୁବକଙ୍କ ଭିଣୋଇଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଗୁଳିକାଣ୍ଡ ପରେ ମୁଜାଫରଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା।

### ସଂକ୍ଷେପରେ

## ଟଙ୍କା,ମୋବାଇଲ ଲୁଟ୍ ଘଟଣାରେ ୩ ଗିରଫ

ରାଜନଗର,୯।୮(ଭାସ୍କର ରାଉତରାୟ): ରାଜନଗର ଥାନା ଜୁନୁସନଗର ଗୁମୁରା ଘାଟ ନିକଟରେ ଜଣେ କୋର୍ଟ କର୍ମଚାରୀଙ୍କୁ ଛୁରୀ ଦେଖାଇ ମାଡ଼ମାରି ଟଙ୍କା ଓ ମୋବାଇଲ ଲୁଟ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ପଟ୍ଟାମୁଣ୍ଡାଇ କୋର୍ଟର କର୍ମଚାରୀ ସୁକାନ୍ତ ଲେଙ୍କା ୬ ତାରିଖ ସକାଳ ୮ଟାରେ ଜ୍ୟୋତିପ୍ରସାଦ ଗାଁକୁ କୋର୍ଟ ଚିଠି ନେଇ ଯିବାକୁ ଈଶ୍ୱରପୁର ପଞ୍ଚାୟତର ଜୁନୁସନଗରଠାରେ ଗୁମୁରା ଘାଟ ନିକଟରେ ଅପେକ୍ଷା କରିଥିଲେ। ଏହି ସମୟରେ ଜଗନ୍ନାଥପୁର ଗାଁର ପାଗଳା ମଲିକ, ସନ୍ଥପଡାର କୁନା ମଲିକ ଓ ରାଜନଗର ନଣ୍ଟା ମଲିକ ଛୁରୀ ଦେଖାଇ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ନିକଟରେ ଥିବା ମୋବାଇଲ ଓ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ସୁକାନ୍ତ ମଙ୍ଗଳବାର ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୫୪୨/୨୦୨୩) ତଦନ୍ତ ଆରମ୍ଭ କରିଥିଲା।

## ବିଦ୍ୟୁତ୍ ଆଘାତରେ ମିଟର ମ୍ୟାନେଜମେଣ୍ଟ କର୍ମଚାରୀ ମୃତ

କେନ୍ଦ୍ରାପଡ଼ା,୯।୮(ଜଗନ୍ନାଥ ଧଳ): ବିଦ୍ୟୁତ୍ ଆଘାତରେ ଜଣେ ମିଟର ମ୍ୟାନେଜମେଣ୍ଟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ବୁଧବାର ସାଢେ ୧୨ଟା ସମୟରେ ଟାଟା ପାୱାର ଅଧୀନରେ କାମ କରୁଥିବା ଡି ଆଣ୍ଡ ବି ନାମକ ଠିକାସଂସ୍ଥାର ମିଟର ମ୍ୟାନେଜମେଣ୍ଟ କର୍ମଚାରୀ ଲାଇନମ୍ୟାନ ସନ୍ତୋଷ କୁମାର ବେହେରା(୩୦) ରାଜକନିକା ବାଘବୁଦା ପଞ୍ଚାୟତର ମହୁରୀଗାଁରେ ଜଣକ ଘରେ ନୂଆ ମିଟର ବସାଇବାକୁ ଯାଇଥିଲେ। ପ୍ରଥମେ ସେ ବିଦ୍ୟୁତ୍ ଖୁଣ୍ଟରୁ ଲାଇନ ସଂଯୋଗ କରିବା ପାଇଁ ଉପରକୁ ଚଢ଼ିଥିଲେ। ହେଲେ ବିଦ୍ୟୁତ୍ ଆଘାତ ପାଇ ହଠାତ୍ ତଳକୁ ଖସିପଡିଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତୋଷଙ୍କ ଘର ପଟ୍ଟାମୁଣ୍ଡାଇ ଅଞ୍ଚଳର ଡାମରପୁର ଗାଁରେ ବୋଲି ବୋଲି ସୂଚନା ମିଳିଛି । ରାଜକନିକା ପୋଲିସ ମୃତଦେହକୁ ଜବତ କରିବା ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଜି ଡାକ୍ତରଖାନା ପଠାଯାଇଛି ।

# ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଉନ୍ନତି ଚିନ୍ତା

- କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଯିବ
- ମିଶନ ଶକ୍ତି ଲିଗାଲ୍ ଆଡ଼ଭାଇଜର ଲୋପାମୁଦ୍ରା ବକ୍ସିପାତ୍ରଙ୍କ ଡେରାବିଶ ଗସ୍ତ



ବୈଠକରେ ଯୋଗଦେଇଥିବା ଅତିଥି।

ଡେରାବିଶ,୯।୮ (ବେବର୍ତା ଅଜୟ ଦାସ) ରାଜ୍ୟ ମିଶନଶକ୍ତିର ଲିଗାଲ୍ ଆଡ଼ଭାଇଜର ଲୋପାମୁଦ୍ରା ବକ୍ସିପାତ୍ର ବୁଧବାର କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ମଧ୍ୟାହ୍ନରେ ଡେରାବିଶ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବକ୍ସିପାତ୍ର ଯୋଗ ଦେଇଥିଲେ । ଜିଲା ମିଶନଶକ୍ତି ସଂଯୋଜକ କୈଳାସ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବକ୍ସିପାତ୍ର ଘର କାମରେ ବ୍ୟସ୍ତ ରହୁଥିବା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଯୋଜନା କରାଯାଇଛି । ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ଘରକରଣା ସାମଗ୍ରୀ ସହ ନିଜକୁ ଉଦ୍ୟାନ କୃଷିରେ ନିୟୋଜିତ କରି କିପରି ସ୍ୱାବଲମ୍ବୀ ହେବେ ତା ଉପରେ ବକ୍ସିପାତ୍ର ଆଲୋକପାତ କରିଥିଲେ । ଏଥିସହ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଚାହିଦା ବୃଦ୍ଧି ପାଇଁ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ କରିବା ପାଇଁ ଜିଲା ଓ ବ୍ଲକ ପ୍ରଶାସନ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥା କରାଯାଉଥିବା ସେ କହିଥିଲେ । ଏହି ସଭାରେ ସମ୍ମାନିତ ଅତିଥିଭାବେ ବିଡ଼ିଓ ଦାଶରଥି ଜେନା ଯୋଗଦେଇ ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ମିଶନଶକ୍ତି ମହିଳାମାନଙ୍କ ମଧ୍ୟରେ ସ୍ୱାବଲମ୍ବୀ ପାଇଁ ଯେଉଁ ଆଗ୍ରହ ସୃଷ୍ଟି ହୋଇଛି ତାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ମଧ କାର୍ଯ୍ୟକାରୀ କରାଯାଉଛି। ବ୍ଲକ ପରିସରରେ ଥିବା କାଫେର ଉନ୍ନତିକରଣ, ବିଭିନ୍ନ ପଞ୍ଚାୟତରେ ନିର୍ମାଣଧୀନ ଅବସ୍ଥାରେ ଥିବା ମିଶନଶକ୍ତି ଗୃହର ଉନ୍ନତିକରଣ ପାଇଁ ଅଧିକ ଅର୍ଥ ମଞ୍ଜୁର ପାଇଁ ବିଡ଼ିଓ ବକ୍ସିପାତ୍ରଙ୍କୁ ଅନୁରୋଧ କରିଥିଲେ । ଏହି ସଭାରେ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଜିଲା ସମାଜମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ, ବ୍ଲକ ମିଶନଶକ୍ତି ସଂଯୋଜକ କୈଳାସ ବାରିକ, ବିଏଲଏଫ୍ ସମ୍ପାଦିକା ମନୋରମା ରାଉତ ପ୍ରମୁଖ ଯୋଗ ଦେଇଥିଲେ।

ଅପରାହ୍ନରେ ବକ୍ସିପାତ୍ର ବ୍ଲକ ଅଧୀନ ଗୋଲରାହାଟ ସ୍ଥିତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍‌କୁ ଯାଇ ସେଠାରେ ପ୍ରସ୍ତୁତ ହେଉଥିବା ଏମ୍ବ୍ରୋଡୋରୀ, ପୁରୁଷ ଓ ମହିଳାଙ୍କ ପାଇଁ ପୋଷାକ, ଜ୍ୟାକେଟ୍ ଏବଂ ହରଘର ତ୍ରିରଙ୍ଗା ପାଇଁ ୧ଲକ୍ଷ ପତାକା ପ୍ରସ୍ତୁତକୁ ବୁଲି ଦେଖିଥିଲେ। ଗ୍ରୁପର ସଭାନେତ୍ରୀ ଲେସାତୁନ୍ ବିବି ଓ ସମ୍ପାଦିକା ରେଶମା ବେଗମ୍ ଗ୍ରୁପ ଦ୍ୱାରା ପ୍ରସ୍ତୁତ ହେଉଥିବା ସମସ୍ତ ହାତତିଆରି ସାମଗ୍ରୀ ବିଷୟରେ ବୁଝାଇଥିଲେ । ଏହି ଗ୍ରୁପରେ ଥିବା ୭୨ ଜଣ ମହିଳା ଏହି କାର୍ଯ୍ୟରେ ନିୟୋଜିତ ରହି ସ୍ୱାବଲମ୍ବୀ ହେଉଥିବା ବିଷୟରେ ଜାଣି ବକ୍ସିପାତ୍ର ବହୁ ଖୁସି ପ୍ରକାଶ କରିଥିଲେ । ପରେ ଏଣ୍ତରସ୍ଥିତ ମହାଲକ୍ଷ୍ମୀ ପ୍ରଡ୍ୟୁସର୍ସ ଗ୍ରୁପ୍ ଓ ସନ୍ଧ୍ୟାରେ ସବଳଙ୍ଗ କଣିପଡ଼ା ସ୍ଥିତ ଜୟଭାରତୀ ସାଥି ସମାଜ ପରିସରରେ ଜୟଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା କରାଯାଇଥିବା ରଙ୍ଗୀନ ମାଛ ଚାଷ ପ୍ରକଳ୍ପ ବୁଲି ଦେଖିଥିଲେ । ତେବେ ବକ୍ସିପାତ୍ରଙ୍କ ଗସ୍ତ ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ଓ ବିଏଲଏଫ୍‌ର କର୍ମକର୍ତ୍ତାମାନେ ସ୍ୱାଗତ କରିଥିଲେ । ସେହିପରି ଗୋଲରାହାଟ, ଏଣ୍ତର ଓ ସବଳଙ୍ଗ କଣିପଡ଼ାଠାରେ ଗୋଲରାହାଟ, ଲକ୍ଷ୍ମୀନାରାୟଣପୁର, ବାଲିଆ, ଏଣ୍ତର, ପଲେଇ ଓ ମୁକୁନ୍ଦପୁର ପଞ୍ଚାୟତର ବହୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ସଦସ୍ୟାଙ୍କ ସମେତ ଏମ୍‌ବିକେ ଓ ସିଆରପିମାନେ ବକ୍ସିପାତ୍ରଙ୍କୁ ବନ୍ଧାପନା କରି ସ୍ୱାଗତ କରିଥିଲେ ।

## ଦିହୁଡ଼ିପୁର ସମିତି ସଭ୍ୟ ଉପନିର୍ବାଚନ: ୬୦% ମତଦାନ

କେନ୍ଦ୍ରାପଡ଼ା,୯।୮(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଦିହୁଡ଼ିପୁର ପଞ୍ଚାୟତର କଂଗ୍ରେସ ସମର୍ଥିତ ସମିତି ସଭ୍ୟା ପୁଷ୍ପଲତା ସ୍ୱାଇଁଙ୍କ ଅକାଳ ବିୟୋଗ ପରେ ଏହି ପଞ୍ଚାୟତର ସମିତିସଭ୍ୟା ପଦବୀ ପାଇଁ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ପଦବୀ ପାଇଁ ୧୧ଟି ୱାର୍ଡରେ ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ମତଦାନ କରାଯାଇଥିଲା। ସମୁଦାୟ ୩୩୫୦ ଭୋଟରଙ୍କ ମଧ୍ୟରୁ ୨୦୨୩ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ। ଏଥିରେ ୮୮୫ ପୁରୁଷ ଓ ୧୧୩୮ ମହିଳା ଭୋଟର ଅଛନ୍ତି । ଚଳିତ ଉପନିର୍ବାଚନରେ ୬୦% ମତଦାନ ହୋଇଛି। ଉପନିର୍ବାଚନ ପାଇଁ ୧୧ ବୁଥରେ ୩୩ ପୋଲିଂ ଅଫିସର,୧୧ ପ୍ରିଜାଇଡିଙ୍ଗ ଅଫିସର, ୫ ପୋଲିସ ଅଫିସର ଓ ୧ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ନିର୍ବାଚନଅଧିକାରୀ ତଥା ବିଡ଼ିଓ ଶୁଭ୍ରାଂଶୁ ସାହୁ, ତହସିଲଦାର ଦିଲୀପ ସେଠୀ, ଏବିଡ଼ିଓ ସନ୍ତୋଷ ମନ୍ତ୍ରୀ ଓ ଜିପିଓ ସୁକାନ୍ତ ନାୟକ ନିର୍ବାଚନ ପରିଚାଳନା କରିଥିବାବେଳେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି, ଗ୍ରାମାଞ୍ଚଳ ଥାନା ଆଇଆଇସି ବାମଦେବ ନନ୍ଦ, ପୂର୍ବତନ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ପୋଲିସ ଫୋର୍ସ ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

## ଡେଟା ପ୍ରୋଟେକ୍ସନ ବିଲ୍ ବିରୋଧରେ ଓସାର ବିକ୍ଷୋଭ

କେନ୍ଦ୍ରାପଡ଼ା, ୯।୮(ଜଗନ୍ନାଥ ଧଳ)

କେନ୍ଦ୍ର ସରକାର ପକ୍ଷରୁ ଡେଟା ପ୍ରୋଟେକଶନ ବିଲ ସଂସଦରେ ପାସ ହୋଇଛି। ଏହାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ବିରୋଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓସାର ଜିଲା ଆବାହକ ପ୍ରତାପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମକର୍ତ୍ତା ଓ କର୍ମୀମାନେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏସମ୍ପର୍କରେ ଜିଲା ଆବାହକ ମହାନ୍ତି କହିଛନ୍ତି, ଡାଟା ପ୍ରେଟେକ୍ସନ ଆଇରେ ୨୦୦୫ ର ସୂଚନା ଅଧିକାର ଆଇନକୁ ସଙ୍କୁଚିତ କରା ଯାଇଛି। ଏହି ଆଇନରେ ବିଭିନ୍ନ ତଥ୍ୟ ମିଳୁଥିବା ବେଳେ ଦୁର୍ନିତୀଗୁଡ଼ିକ ଲୋକଲୋଚନକୁ ଆସୁଥିଲା । ଏହାଦ୍ୱାର ଭାରତ ପରି ଲୋକତାନ୍ତ୍ରିକ ଦେଶର ବିକାଶ ଦିଗରେ ସହାୟକ ହେଉଥିଲା। ତେବେ ସଂସଦରେ ବିଲ ପାସ୍ ପରେ ଶାସକ ଦଳ ଚାପରେ ଦୁର୍ନିତୀକୁ ପ୍ରୋତ୍ସାହିତ କରାଯିବା ସମ୍ଭାବନା ଦେଖାଦେଇଛି । ଏହାକୁ ଓସା ବିରୋଧ କରେ ବୋଲି ଜିଲା ଆବାହକ ମହାନ୍ତି ସୂଚନା ଦେଇଛନ୍ତି । ଏହି ବିକ୍ଷୋଭରେ କର୍ମକର୍ତ୍ତା ଆଲୟ ସାମନ୍ତରାୟ, ଅମିତାଭ ଚାନ୍ଦ୍ର, ନିରଞ୍ଜନ ପରିଡ଼ା ନଗେନ୍ଦ୍ର ଜେନା ପ୍ରମୁଖ ସାମିଲ ଥିଲେ ।

## ଦୁବାଇରେ ଫସିଛନ୍ତି ୩ ଯୁବକ

### ଉଦ୍ଧାର ପାଇଁ ଆକୁଳ ନିବେଦନ

ରାଜନଗର,୯।୮(ଭାସ୍କର ରାଉତରାୟ)

ପରିବାରର ବୋଝ ମୁଣ୍ଡାଇ ଅନେକ ସମୟରେ ଏ ଅଞ୍ଚଳର ଯୁବକ ଦେଶବିଦେଶରେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ସେଠାରେ ବହୁ ସମୟରେ କମ୍ପାନୀମାନଙ୍କ ଦୌରାତ୍ମ୍ୟ ଓ ନିର୍ଯାତନାର ଶିକାର ହେବାକୁ ପଡୁଛି ତ କେଉଁଠି ଜୀବନ ଦେବାକୁ ପଡୁଛି। ଦୁବାଇ ଯାଇଥିବା ୩ ଜଣ ଯୁବକ ଖାଇବାକୁ ନ ପାଇ ଦୁର୍ଦ୍ଦଶାରେ ରହିଛନ୍ତି। ଘରକୁ ଫେରିବାକୁ ଭିସା ପାଉ ନ ଥିବା ବେଳେ ଖାଇବାକୁ ଦି'ଓଳି ପାଉନାହାଁନ୍ତି। ବୁଧବାର ରାଜନଗର ଅଞ୍ଚଳର ଗୋବର୍ଦ୍ଧନପୁର ଗାଁର ମହେଶ୍ୱର ଖଟୁଆ ଫୋନ ଯୋଗେ ନିଜ ଦୁର୍ଦ୍ଦଶା ଜଣାଇବା ସହିତ ଉଦ୍ଧାର ପାଇଁ ପ୍ରଶାସନ ଓ ସରକାର ପଦକ୍ଷେପ ନେବାକୁ ଆକୁଳ ନିବେଦନ କରିଛନ୍ତି। ରାଜନଗର ବ୍ଲକ ଗୋବର୍ଦ୍ଧନପୁର ଗାଁର ମହେଶ୍ୱର ଖଟୁଆ, ପଟ୍ଟାମୁଣ୍ଡାଇ ବ୍ଲକ ବିସୁନପୁର ଗାଁର ଉମେଶ ଚନ୍ଦ୍ର ଜେନା, ମାଟିଆ ଗାଁର ନିଗମାନନ୍ଦ ସାହୁ କାମ ଧନ୍ଦା ନ ପାଇ ଦାଦନ ଖଟିବାକୁ ଦୁବାଇ ଯାଇଥିଲେ। ରାଜକନିକା ବରୁଣାଡିଆ ଗାଁର ଏଜେଣ୍ଟ ଦୁବାଇରେ ଭଲ ଚାକିରି ଦେବ କହି ଇଣ୍ଟରଭ୍ୟୁ କରି ଯୁବକଙ୍କୁ ନେଇଥିଲେ। ଚଳିତ ବର୍ଷ ମେ ୨୨ ତାରିଖ ଦିନ ବିମାନ ଯୋଗେ ବମ୍ବେରୁ ଦୁବାଇ ଯାଇଥିଲେ ଏହି ୩ ଯୁବକ। ଦୁବାଇର ରସୁଲଖାମା ଖୁରଖୁର ଅଞ୍ଚଳରେ ସେମାନେ ଅଛନ୍ତି। ଅଲଫିନିକ କମ୍ପାନୀରେ ସେମାନେ କାମ କରୁଛନ୍ତି। ସେମାନେ ରହୁଥିବା ସ୍ଥାନଠାରୁ ୭୦ରୁ ୭୫ କିମି ଦୂରରେ ବଜାର ରହିଛି। ସେମାନେ ଖାଦ୍ୟପେୟ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ହନ୍ତସନ୍ତ ହେଉଛନ୍ତି। ସେମାନେ ଯିବାର ଅଢ଼େଇମାସ ହୋଇଯାଇଥିଲେ ବି ଆଜି ଯାଏଁ ତାଙ୍କୁ ଦରମା ମିଳିନି। ଖାଇବା ପାଇଁ ଅଳ୍ପ କେତେଟଙ୍କା ଦେଉଥିଲେ ମଧ୍ୟ ସବୁ ସମୟରେ ଖାଇବା ପାଇଁ ତାଙ୍କ ପାଖରେ ଅର୍ଥ ରହୁନି। ଗତ ୩ଦିନ ହେଲା ତାଙ୍କ ପାଖରେ ଟଙ୍କା ନ ଥିବାରୁ ସେମାନେ ଉପବାସରେ ଅଛନ୍ତି। ଏପରିକି ଘରକୁ ଯିବାକୁ କମ୍ପାନୀକୁ କହିଲେ ଭାରତୀୟ ମୁଦ୍ରାରେ ୭୦ହଜାର ଟଙ୍କା କମ୍ପାନୀ ମାଗୁଛି। ସେମାନେ ଦାଦନ ଖଟିବାକୁ ଆସିଥିବା ବେଳେ ଏତେଟଙ୍କା କମ୍ପାନୀକୁ କେଉଁଠୁ ଆଣିଦେବେ ଚିନ୍ତାରେ ପଡିଛନ୍ତି। ଏପଟେ ତାଙ୍କୁ ନେଇଥିବା ଏଜେଣ୍ଟ ଫୋନ ଉଠାଉ ନ ଥିବା ବେଳେ ଯେତେବେଳେ ଫୋନ ଉଠାଉଛନ୍ତି, କୌଣସି ପଦକ୍ଷେପ ନେଉନାହାଁନ୍ତି। ସେମାନେ ପରିବାର ଚଳାଇବା ପାଇଁ ବିଦେଶକୁ ଦାଦନ ଖଟିବାକୁ ଯାଇ ଫସି ଯାଇଛନ୍ତି ଓ ଅଧିକାଂଶ ସମୟ ଉପବାସ ରହିବାକୁ ପଡୁଛି ବୋଲି ଫୋନ ଯୋଗେ ଜଣାଇଛନ୍ତି।

## ମଧୁବାବୁ ପେନ୍‌ସନ ଯୋଜନାରେ ୨୧୨୫୪ ଜଣ ସାମିଲ

କେନ୍ଦ୍ରାପଡ଼ା,୯।୮(ଜଗନ୍ନାଥ ଧଳ): ରାଜ୍ୟ ସରକାରଙ୍କ ଚିଠିର ୨ ଦିନ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାରେ ୨୧୨୫୪ ଜଣ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହୋଇଛନ୍ତି । ନୂତନ ହିତାଧିକାରୀମାନେ ଆସନ୍ତା ୧୫ ତାରିଖରେ ବାର୍ଦ୍ଧକ୍ୟ ଭତ୍ତା ପାଇବେ ବୋଲି ଜିଲା ସାମାଜିକ ସୁରକ୍ଷା ବିଭାଗ ତଥ୍ୟରୁ ସୂଚନା ମିଳିଛି । ଫଳରେ ପୂର୍ବରୁ ଜିଲାରେ ମୋଟ ୧୦୧୬୮୮ ଜଣ ହିତାଧିକାରୀ ଥିବା ବେଳେ ଆସନ୍ତା ୧୫ ତାରିଖରୁ ଏହି ସଂଖ୍ୟା ୧୨୨୯୪୨ ହେବ । ଏସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆବେଦନକାରୀ ବାର୍ଦ୍ଧକ୍ୟ ଭତ୍ତା ଆଶାୟୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଏନେଇ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବଙ୍କ ଠାରୁ ଗତ ୭ ତାରିଖରେ ଚିଠି (ନଂ- ୬୮୮୩) ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଅନ୍‌ଲାଇନରେ ହୋଇଥିବା ଆବେଦନ ପତ୍ରକୁ ମଞ୍ଜୁରୀ ଦିଆଯାଇଛି । ଜିଲାର ଆଳି ବ୍ଲକ ଅଞ୍ଚଳରୁ ୧୯୮୪ ଜଣ ସାମିଲ ହୋଇଛନ୍ତି । ସେହିପରି ଡେରାବିଶ ବ୍ଲକ ଅଞ୍ଚଳରୁ ୨୭୦୦, ଗରଦପୁରରୁ ୧୦୯୦, କେନ୍ଦ୍ରାପଡ଼ାରୁ ୨୧୯୮, ମହାକାଳପଡ଼ାରୁ ୨୩୨୧, ମାର୍ଶାଘାଇରୁ ୨୦୮୫, ପଟ୍ଟାମୁଣ୍ଡାଇରୁ ୨୨୪୩, ରାଜକନିକାରୁ ୨୯୭୬ ଓ ରାଜନଗର ବ୍ଲକ ଅଞ୍ଚଳରୁ ୨୫୩୫ ନୂତନ ହିତାଧିକାରୀ ଯୋଡି ହୋଇଛନ୍ତି । ଏଥିସହିତ କେନ୍ଦ୍ରାପଡ଼ା ପୌରାଞ୍ଚଳର ୬୧୦ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୫୧୨ ନୂତନ ହିତାଧିକାରୀ ଭାବେ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାସ ସୂଚନା ଦେଇଛନ୍ତି ।

## ଶିକ୍ଷକ ପଦବୀ ପୂରଣ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ଆଳି,୯।୮(ବନମାଳୀ ସେନାପତି)

ଆଳି ବ୍ଲକ କେତୁଆପାଳ ପଞ୍ଚାୟତରେ ଥିବା ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଦାବି କରି ବୁଧବାର ଛାତ୍ରୀଛାତ୍ରମାନେ ସ୍କୁଲରେ ତାଲା ପକାଇ ଧାରଣା ଦେଇଛନ୍ତି । ସୂଚନା ମୁତାବକ ବ୍ଲକର କେତୁଆପାଳ ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରୀଛାତ୍ରମାନେ ପାଠ ପଢୁଥିବା ବେଳେ ମାତ୍ର ୪ ଜଣ ଶିକ୍ଷକ ପାଠ ପଢାଉଛନ୍ତି। ୪ ଜଣ ଶିକ୍ଷକଙ୍କୁ ନେଇ ଦୀର୍ଘ ଦିନ ହେବ ସ୍କୁଲ ଚାଲିଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ଅନେକ ବ୍ୟାଘାତ ସୃଷ୍ଟି ହେଉଛି। ସଂସ୍କୃତ ଓ ଗଣିତ ପାଇବା ଶିକ୍ଷକ ନ ଥିବାରୁ ପ୍ରାୟ ବର୍ଷେ ହେବ ପାଠପଢ଼ା ଏକପ୍ରକାର ବନ୍ଦ ରହିଛି। ଦୀର୍ଘ ଦିନ ହେବ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକ ପଦବୀ ପୂରଣ ନିମନ୍ତେ ପ୍ରତିଶ୍ରୁତି ଦିଆ ଯାଉଥିବା ବେଳେ ଶିକ୍ଷକ କିନ୍ତୁ ଆସୁନାହାନ୍ତି। ଯାହାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଅସନ୍ତୋଷ ଦେଖା ଦେଇଥିଲା । ବୁଧବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ତାଲା ପକାଇ ମୁଖ୍ୟ ରାସ୍ତାରେ ଧାରଣା ଦେଇଥିଲେ । ଦୀର୍ଘ ସମୟ ଧାରଣା ଦେବା ପରେ ପଞ୍ଚାୟତର ସରପଞ୍ଚ ସେମାନଙ୍କୁ ଶିକ୍ଷକ ପଦବୀ ପୂରଣ ନିମନ୍ତେ ବିଭାଗ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ପିଲାମାନେ ଉଠିଥିଲେ ।

## ଏଏସ୍‌ଏମ୍ ଫୁଟ୍‌ବଲ କ୍ଲବ୍ ବିଜୟୀ

### ରାଜକନିକା ପ୍ରିମିୟର ଫୁଟ୍‌ବଲ ଲିଗ୍

କେନ୍ଦ୍ରାପଡ଼ା,୯।୮(ଡି.ଏନ.ଏ.)



ଅତିଥିଙ୍କ ଗହଣରେ ୨ ଦଳର ଖେଳାଳି।

ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ଚାଲୁଥିବା ପ୍ରିମିୟର ଫୁଟବଲ ଲିଗ୍‌ର ଦ୍ୱିତୀୟ ଦିନ ମ୍ୟାଚ୍ ଏଏସଏମ ଫୁଟବଲ କ୍ଲବ ବନାମ ଅର୍ବାନ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଏଏସଏମ ଫୁଟବଲ କ୍ଲବ ୨-୧ ଗୋଲରେ ଅର୍ବାନ ଫୁଟବଲ କ୍ଲବକୁ ହରାଇ ଦ୍ୱିତୀୟ ମ୍ୟାଚ ଖେଳିବାକୁ ବିବେଚିତ ହୋଇଛି। ଟିମ୍‌ର ୯ନଂ.ଖେଳାଳି ଏସ.କେ.ରହିମ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଛନ୍ତି। ଆଜିର ମ୍ୟାଚରେ ଅତିଥି ଭାବେ ଜାଗୁଲାଇପଡା ସରପଞ୍ଚ ଲିଳିଭା ମଲିକ ଓ ବାଘବୁଦା ସରପଞ୍ଚ ବୈଜୟନ୍ତୀ ନାୟକ ଯୋଗଦେଇ ବିଜୟୀ ଟିମ ଓ ମ୍ୟାନ ଅଫ୍ ଦି ମ୍ୟାଚଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଆସୋସିଏଶନ ପକ୍ଷରୁ ଉପସଭାପତି ତଥା ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଯୁଗ୍ମ ସମ୍ପାଦକ ଡ. ଫକୀର ଚରଣ ପ୍ରଧାନ, ଫୁଟବଲ ସମ୍ପାଦକ ଶିବପ୍ରସାଦ ମଲ୍ଲିକ ଓ ମିଡିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ ପ୍ରମୁଖ ମଞ୍ଚସୀନ ଥିଲେ । ରେଫେରୀ ଶରତ କୁମାର ଜେନା ଓ ଲାଇନ୍ସରେ ସଞ୍ଜୟ କୁମାର ନାୟକ, ପ୍ରଶାନ୍ତ କୁମାର ସେନାପତି ଖେଳ ପରିଚାଳନା କରିଥିଲେ। ଅମର କୁମାର ଜେନା ସହଯୋଗ କରିଥିଲେ। ମ୍ୟାଚ କମିଶନର ଭାବେ ଗୋଲକ ବିହାରୀ ମଲିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଗୁରୁବାର ମ୍ୟାଚ କନିକା ୟୁନାଇଟେଡ ଫୁଟବଲ କ୍ଲବ ବନାମ କନିକା ଟାଇଟନିକ୍ସ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲାସ୍ତରୀୟ ଚିତ୍ରଶିଳ୍ପୀ ଗୌରବ ସମ୍ମାନ ଉତ୍ସବ

ପଟ୍ଟାମୁଣ୍ଡାଇ,୯।୮(ଅକ୍ଷୟ ବିଶ୍ୱାଳ)




ଜଣେ କୃତୀ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଳାତୀର୍ଥ କେନ୍ଦ୍ରାପଡ଼ାରେ ବହୁ ପ୍ରତିଭାବାନ କଳାକାର ଓ ଚିତ୍ରଶିଳ୍ପୀ ରହିଛନ୍ତି । ଏହି ପ୍ରତିଭାବାନ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରିବା ପାଇଁ କେନ୍ଦ୍ରାପଡ଼ା ଜିଲା ସଂସ୍କୃତି ଭବନଠାରେ ଚିତ୍ରଶିଳ୍ପୀ ଗୌରବ ସମ୍ମାନ ଉତ୍ସବ -୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଇଂ.ମୁରଲୀଧର ସେଠୀ,ଅଧ୍ୟାପକ ଅଜୟ କୁମାର ରାଉତ, ଅତିରିକ୍ତ ବିଡ଼ିଓ ନରହରି ସୂତାର, ସାମାଜିକ କର୍ମୀ ରାଜେଶ ଦାସ, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଇଦ୍ରୀଶ ଅଲ୍ଲୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହ ଅବସରରେ ଚିତ୍ରଶିଳ୍ପୀ ସଞ୍ଜୀବ କୁମାର କର, ରାଜେନ୍ଦ୍ର ଦାଶ, ଦେବେନ୍ଦ୍ର ତ୍ରିପାଠୀ, ଶ୍ୟାମସୁନ୍ଦର ବେହେରା, ଧନଞ୍ଜୟ ବେହେରା, ବୁଦ୍ଧଦେବ ନାୟକ, ପ୍ରକାଶ ଜେନା, ସନ୍ତୋଷ ଜେନା, ଗୀତା କୁଣ୍ଡ, ମିତାଲି ଦାସ,ସଞ୍ଜୟ ତ୍ରିପାଠୀ, ଅଜୟ ଘଡାଇ, ରମେଶ ଦାସ, ଯତୀନ ଦାସ, ମୁନା ଗିରି, ବର୍ଷାରାଣୀ, ସୁନନ୍ଦା ମଣ୍ଡଳ, ଟନି ତ୍ରିପାଠୀ, ସର୍ବେଶ୍ୱର ବେହେରା ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଷ୍ଟା ସଂଘର ଧାରଣା



ଶିକ୍ଷୟତ୍ରୀଶିକ୍ଷକମାନେ ଧାରଣାରେ ବସିଛନ୍ତି।

ଡେରାବିଶ,୯।୮ (ବେବର୍ତା ଅଜୟ ଦାସ)

ରାଜ୍ୟ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ର ନିଷ୍ପତ୍ତି କ୍ରମେ କେନ୍ଦ୍ରାପଡ଼ା ଜିଲା ଓଷ୍ଟା ସଂଘ ପକ୍ଷରୁ ସହର ଉପକଣ୍ଠସ୍ଥିତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଅନୁଷ୍ଠିତ ହୋଇଯାଇଛି । ୧୪ ଦଫା ଦାବି ନେଇ ଶିକ୍ଷକମାନଙ୍କ ଏହି ଧାରଣା ଓ ପ୍ରତିବାଦ ସଭାରେ ଜିଲା ଓଷ୍ଟା ସଂଘ ସଭାପତି ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ଓଷ୍ଟା ସଂଘ ସମ୍ପାଦକ ପ୍ରଣବ କୁମାର ଜେନା, ଜିଲା ଓଷ୍ଟା ସଂଘ ସମ୍ପାଦକ ନିର୍ମଳ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ଶିକ୍ଷକ ନେତା ତପନ କୁମାର ସିଂ, ତ୍ରୈଲୋକ୍ୟ ନାଥ ସ୍ୱାଇଁ, ଅଧିକାରୀ ରାଧାକାନ୍ତ ଦାସ, ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷକ ସମାଜପ୍ରତି ଥିବା ବୈମାତୃକ ମନୋଭାବ ପାଇଁ ଶିକ୍ଷକମାନଙ୍କ ତେଲଲୁଣ ସଂସାରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଦୀର୍ଘ ବର୍ଷ ହେବ ସରକାରଙ୍କ ନିକଟରେ ଶିକ୍ଷକଙ୍କ ନାର୍ଯ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରାଯାଉଥିବା ବେଳେ ଏହି ଦାବିପତ୍ର ସରକାରଙ୍କ ନୀରବତା ଶିକ୍ଷକ ସମାଜର ଏକ ମେରୁଦଣ୍ଡକୁ ଦୋହଲାଇ ଦେଇଛି ବୋଲି ନେତାମାନେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥଲେ । ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଚନ୍ଦ୍ର ମିଶ୍ର, ଗୋକୁଳି ଚରଣ ରାଉତ, ରବୀନ୍ଦ୍ର କୁମାର ପରିଡ଼ା, ଅଶୋକ କୁମାର ପରିଡ଼ା, ରୀନାରାଣୀ ରାଉତ, ସରୋଜିନୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ନାର୍ଯ୍ୟଦାବିକୁ ସରକାର ତୁରନ୍ତ ପୂରଣ ପାଇଁ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ଧାରଣା ଓ ପ୍ରତିବାଦ ସଭାରେ ଜିଲା ଅଧୀନ ସମସ୍ତ ବ୍ଲକ ଓ ମ୍ୟୁନିସିପାଲଟି ଅନ୍ତର୍ଗତ ବହୁ ବିଦ୍ୟାଳୟର ଶିକ୍ଷକମାନେ ଯୋଗ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ପ୍ରଦାନ କରାଯାଇଥିଲା ।

## ତିନିମୁହାଣୀରେ ଗାନ୍ଧୀ ପଦଯାତ୍ରା ସ୍ମାରକୀ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୯।୮ (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଛକଠାରେ ମହାତ୍ମା ଗାନ୍ଧୀଙ୍କ ପଦଯାତ୍ରା ସ୍ମାରକୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଶଶିଭୂଷଣ ବେହେରାଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତି ସଭାପତି ନୀଳମଣି ସାମଲ, ଜିଲା ସଭାପତି ବିଦ୍ୟାଧର ମୁଦୁଲି, ଫକୀର ଚରଣ ଦାସ, ଜଲି ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରିତା ସାହୁ, ଜୋନ ସଭ୍ୟା ମଧୁଛନ୍ଦା ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରକାଶ କରିଥିଲେ, ସ୍ୱାଧୀନତା ସଂଗ୍ରାମରେ କେନ୍ଦ୍ରାପଡ଼ା ଜିଲାର ଅବଦାନ ଅତୁଳନୀୟ। ଏହି ଅଞ୍ଚଳରୁ ବହୁ ସ୍ୱାଧୀନତା ସଂଗ୍ରାମୀ ଏଥିରେ ସାମିଲ ହୋଇଥିଲେ । ୧୯୩୪ରେ ଗାନ୍ଧିଜୀ କେନ୍ଦ୍ରାପଡ଼ା ଜିଲାରେ ପଦଯାତ୍ରା କରିଥିଲେ । ଏହାର ସ୍ମାରକୀ ଆଗାମୀ ପିଢ଼ିକୁ ମନେ ପକାଇବା ପାଇଁ ସୁଯୋଗ ଦେଇଛି । ଏହି କାର୍ଯ୍ୟକ୍ରମରେ ବହୁ ରାଜନେତା ଓ କର୍ମୀ ଯୋଗ ଦେଇଥିଲେ ।

## ଲୁଣି ମାଠିଆ ଗ୍ରାମରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ମହାକାଳପଡ଼ା,୯।୮(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଆଦିବାସୀ ଦିବସ ସଭାରେ ସାମିଲ ହୋଇଥିବା ଆଦିବାସୀ ମହିଳା, ପୁରୁଷ ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଲୁଣି ମାଠିଆ ଗ୍ରାମରେ ବୁଧବାର ଅନ୍ତର୍ଜାତୀୟ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଗ୍ରାମର କମ୍ୟୁନିଟି ସେଣ୍ଟରଠାରେ ଆୟୋଜିତ ବୈଠକରେ ବରିଷ୍ଠ ମୁରବୀ ଛୋଟ ରାୟ ମାଝି ଅଧ୍ୟକ୍ଷତା କରି ଆଦିବାସୀମାନଙ୍କ ସୁରକ୍ଷା, ଅଧିକାର ଓ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ଉପରେ ଆଲୋଚନା କରିଥିଲେ। ଦୀର୍ଘ ଦଶ ଦଶନ୍ଧି ଧରି ଏହି ଆଦିବାସୀମାନେ ମୟୂରଭଞ୍ଜ ଜିଲାର ବାରିପଦା, ବେତନଟୀ, ଶ୍ୟାମା ଖୁଣ୍ଟା, ବହଳଦା, ବୈସିଙ୍ଗା, ଉଦଳା, ରାଇରଙ୍ଗପୁର, ବାଙ୍ଗିରୀପୋଷି ଓ ବାଲେଶର ଜିଲାରୁ ଆସି ମହାକାଳପଡ଼ା ବ୍ଲକ୍ ଅଧୀନ ଲୁଣି ମାଠିଆ, ବାର ନମ୍ବର, ପନ୍ଦର ମାଇଲି, ଜମ୍ବୁ, କଣ୍ଡରା ପାଟିଆ, ସୁନିତି, ପାଣି ଖିଆ, ଶଙ୍ଖ ଚିଲି, ବାଘୁଆ ମେଦ, ସିଂ ପଡ଼ା ଆଦି ଗ୍ରାମରେ ଜଙ୍ଗଲ କିସମ ଜମିରେ ବସବାସ କରିଆସୁଛନ୍ତି। ଦୀର୍ଘ ବର୍ଷ ଧରି ବସବାସ କରି ଆସୁଥିଲେ ମଧ ସେମାନଙ୍କୁ ସରକାର ଅବହେଳା କରୁଛନ୍ତି ବୋଲି ଉକ୍ତ ସଭାରେ ବକ୍ତାମାନେ ଅଭିଯୋଗ କରିଥିଲେ । ଯେଉଁ ଭିଟାମାଟିରେ ସେମାନେ ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି ସେମାନଙ୍କୁ ସ୍ଥାୟୀ ଜମି ପଟ୍ଟା ମିଳୁ ନାହିଁ । ଏଥିପାଇଁ ସେମାନେ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି । ବ୍ଲକର ଅନୁସୂଚୀତ ଜନଜାତି ବର୍ଗର ଲୋକଙ୍କ ପାଇଁ ୩୦୫ ଜଣଙ୍କ ନାମ ପଟ୍ଟା ପ୍ରଦାନ ପାଇଁ ମଞ୍ଜୁରୀ ହୋଇଛି । ସେଥିମଧ୍ୟରୁ ୨ଶହ ଲୋକଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଅବଶିଷ୍ଟ ଆଦିବାସୀଙ୍କୁ ପଟ୍ଟା ମିଳୁ ନାହିଁ ବୋଲି ଏହି ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା। ଲୁଣି ମାଠିଆ ପଡ଼ାଗ୍ରାମର ୮ ଓ ୯ ନମ୍ବର ୱାର୍ଡରେ ୬ଶହରୁ ଉର୍ଦ୍ଧ୍ୱ ଜନଜାତି ବର୍ଗର ଲୋକେ ବସବାସ କରୁଛନ୍ତି। ହେଲେ ହାତ ଗଣତି କେତେ ଜଣ ଆଦିବାସୀ ପରିବାରକୁ ପଟ୍ଟା ପ୍ରଦାନ କରାଯାଇଛି । ଅବଶିଷ୍ଟ ପରିବାର ପଟ୍ଟା ପାଇ ପାରି ନାହାନ୍ତି । ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏହି ବୈଠକରେ ଦାବି କରାଯାଇଥିଲା। ୱାର୍ଡ ସଭ୍ୟ ମଧୁ ବାସ୍କେ, ଭାନୁ ମାଝି, ରାମ ମାଝି, ଉପା ମାଝି, ଚନ୍ଦୁ ମୁର୍ମୁ , ସାହେଗ ମାଝି, ଅଞ୍ଜଳି ମାଝି, ମିନତୀ ମାଝି, ରାଇମତି ହେମ୍ବ୍ରମ, ସୀତା ହେମ୍ବ୍ରମ, କପୁରା ହେମ୍ବ୍ରମ, ସନାତନ ମାଝି, ଉଦୟ ମାଝି, ପାନ ମାଝି, ରମେଶ ମାଝିଙ୍କ ସମେତ ଗ୍ରାମର ବହୁ ମହିଳା ପୁରୁଷ ଉକ୍ତ ସଭାରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡାକ୍ତରଙ୍କୁ ମାଡ଼ ପରେ ଉତ୍ତେଜନା

ନୟାଗଡ଼,୯।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ବୁଧବାର ପୂର୍ବାହ୍ନରେ ମାରପିଟ୍ କରାଯାଇଛି। ଏନେଇ ଶରଣକୁଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଡାକ୍ତର ଆଉଟଡୋରରେ ରୋଗୀ ଦେଖୁଥିବାବେଳେ ଜଣେ ଯୁବକ ଅତର୍କିତ ଭାବେ ଆକ୍ରମଣ କରି ପଳାଇଥିଲେ । ଏ ଘଟଣା ଜଣାପଡିବା ପରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ମଧ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା । ତେବେ ଡାକ୍ତରଙ୍କୁ କାହିଁକି ଆକ୍ରମଣ କରାଗଲା ସେନେଇ ଡାକ୍ତର ମୁହଁ ଖୋଲୁ ନାହାନ୍ତି।

### ନାବାଳିକାଙ୍କୁ ବଳାତ୍କାର

ନୟାଗଡ଼,୯।୮(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ଅଞ୍ଚଳରେ ଜଣେ ୧୪ ବର୍ଷର ନାବାଳିକାଙ୍କୁ ବୁଧବାର ବଳାତ୍କାର କରାଯାଇଛି । ଏନେଇ ଅଭିଯୋଗ ପରେ ପୋଲିସ ପହିଲି ପ୍ରଧାନ(୪୫) ନାମକ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଅନ୍ୟପକ୍ଷେ ପୋକ୍ସେ ଆଇନ ଅନୁଯାୟୀ ଏକ ମାମଲା (ନଂ.୧୪୨/୨୩)ରୁଜୁ କରି ନାବାଳିକାଙ୍କୁ ଡାକ୍ତରୀ ମାଇନା କରାଯାଇଛି। ଗୁରୁବାର ଅଟକ ବ୍ୟକ୍ତିଙ୍କୁ ଗିରଫ ଦେଖାଇ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ନୟାଗଡ଼ ପୁରୁଣାସହରରେ ଡେଙ୍ଗୁ ରୋଗୀ

ନୟାଗଡ଼,୯।୮(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହର ରଥଗଡ଼ା ସାହିରେ ମାଣ୍ଟୁ ଘଡେଇ ନାମକ ଜଣେ ଯୁବକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେ କିଛି ଦିନ ଭୁବନେଶ୍ୱରରେ ରହି ଘରକୁ ଫେରିବା ପରେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ । ଜ୍ୱର ଭଲ ନ ହେବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଭୁବନେଶ୍ୱରରେ ରକ୍ତ ପରୀକ୍ଷଣ ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଏନେଇ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଖବର ଆସିବା ପରେ ନୟାଗଡ଼ ମ୍ୟୁନିସିପାଲିଟିକୁ ଖବର ଦିଆ ଯାଇଥିଲା। ତେବେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

### କାର ସହ ୬୩ କେଜି ଗଞ୍ଜେଇ ଜବତ

**ଗଞ୍ଜେଇ ବ୍ୟବସାୟୀ ଜେଲ ଗଲେ**

ନୟାଗଡ,୯।୮(ଲୋକନାଥ ମିଶ୍ର)

ବୁଧବାର ସକାଳୁ ଦଶପଲ୍ଲା ଅବକାରୀ ବିଭାଗର କର୍ମଚାରୀମାନେ ବାଣିଗୋଛା ଥାନା ତାକୁଡା ଛକରୁ ୬୩ କେଜି ଗଞ୍ଜେଇ ଜବତ କରିବା ସହ ଏକ ମହିନ୍ଦ୍ରା ଗାଡ଼ିକୁ ଜବତ କରିଛି । ସେହିପରି ଗଞ୍ଜେଇ ବ୍ୟବସାୟୀ ଫତେଗଡ ଥାନା ହନୁମନ୍ତପ୍ରସାଦ ଗାଁର ପବିତ୍ର କୁମାର ମୁକୁଟ(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆ ଯାଇଛି । ଗଞ୍ଜେଇ ଭୁବନେଶ୍ୱରକୁ ଚାଲାଣ ହେଉଥିବାବେଳେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରା ଓ ତାଙ୍କ ଟିମ୍ ଚଢ଼ାଉ କରି ଧରିଥିଲେ । ଏନେଇ ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲୁ ରହିଛି ।

# ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାଇସ୍କୁଲ ଶିକ୍ଷକଙ୍କ ଧାରଣା

ନୟାଗଡ଼,୯।୮(ଲୋକନାଥ ମିଶ୍ର )


ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆହ୍ୱାନ କ୍ରମେ ନୟାଗଡ଼ ଜିଲାର ଶତାଧିକ ଶିକ୍ଷୟିତ୍ରୀ,ଶିକ୍ଷା ଓ କର୍ମଚାରୀ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଦଫା ଦାବି ପୂରଣ ନେଇ ବୁଧବାର ଧାରଣା ଦେଇଥିଲେ। ଅନୁଦାନ ପାଉ ନ ଥିବା ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ ବ୍ୟବସ୍ଥା,ପ୍ରତ୍ୟେକ ମାସର ଶେଷ ତାରିଖରେ ସମସ୍ତ ବର୍ଗର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଦରମା ପ୍ରଦାନ ଦାବି ରହିଛି।

ସେହିପରି ସମସ୍ତ ବର୍ଗର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କ ସପ୍ତମ ବେତନ ଦରମାର ବକେୟା ଓ ଏମ୍ଏସିପି ବକେୟା ତୁରନ୍ତ ପ୍ରଦାନ କରାଯାଉ ଦାବି ରହିଛି। ସେହିଭଳି ୪ ପ୍ରତିଶତ ଏରିୟର ପ୍ରଦାନ, ଯୋଗ୍ୟ ବିବେଚିତ କର୍ମଚାରୀମାନଙ୍କ ଏମଏସିପି ତୁରନ୍ତ ମଞ୍ଜୁର, ଅଣଶିକ୍ଷକ କର୍ମଚାରୀମାନଙ୍କୁ ୧:୧ ଆରଏସିପି ପ୍ରଦାନ ପାଇଁ ନ୍ୟାୟାଳୟର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଉ ଆଦି ଦାବି ରହିଛି। ଜିଲା ସଭାପତି ଅଯୋଧ୍ୟା ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସମ୍ପାଦକ ପରମାନନ୍ଦ ଦଲେଇ, ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ବିନାୟକ ପରିଡା, ଜିଲା କାର୍ଯ୍ୟକାରି ସଭାପତି ଘନଶ୍ୟାମ ରାଉତ ପ୍ରମୁଖ ଯୋଗ ଦେଇ ସଂଘର ୧୨ ଦଫା ଦାବି ପୂରଣ ନେଇ ଉପସ୍ଥାପନ କରିଥିଲେ। ସରକାର ଦାବି ପୂରଣ ନ କଲେ ଆସନ୍ତା ୧୬ ତାରିଖ 'ଦାବି ଦିବସ'ରେ ଭୁବନେଶ୍ୱରର ଗାନ୍ଧୀମାର୍ଗଠାରେ ବିଶାଳ ସମାବେଶ କରାଯିବ । ଅନ୍ୟପକ୍ଷେ ୧୮ ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ଧାରଣା କାର୍ଯ୍ୟକ୍ରମ ଚାଲିବ ବୋଲି କୁହାଯାଇଛି । ଆନ୍ଦୋଳନକୁ ଜିଲା ଉପସଭାପତି ନିରାକାର ସ୍ୱାଇଁ , ମିନତୀ ତ୍ରିପାଠୀ ପରିଚାଳନା କରିଥିଲେ । ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ପ୍ରତିବାଦ ସଭାସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ସଭାପତି ଓ ସମ୍ପାଦକଙ୍କ ନିକଟରୁ ଦାବିପତ୍ର ଗ୍ରହଣ କରିଥିଲେ ।

# ଶିକାର ଉଦ୍ଦେଶ୍ୟରେ ବୁଲୁଥିବା ୩ ଶିକାରୀ ଗିରଫ

ଗଣିଆ,୯।୮(ସନ୍ତୋଷ କୁମାର ପ୍ରଧାନ)

ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ମଧ୍ୟରୁ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବୁଲୁଥିବା ସମୟରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀ ବୁଧବାର ୩ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ଶିକାରୀମାନେ ହେଲେ ବୌଦ୍ଧ ଜିଲା ହରଭଙ୍ଗା ଥାନା ତଇଳାସାହି ଗ୍ରାମର କୋକିଳ କହଂର(୧୯), ପଦ୍ମତୋଳା ଗ୍ରାମର ସଞ୍ଜୟ ପ୍ରଧାନ(୨୦) ଓ ବାସୁଦେବ ମାଝି (୨୫) । ଗିରଫ ଶିକାରୀଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, କୁରାଢି ଓ ଛୁରୀ ଜବତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ୩ଜଣ ଶିକାରୀ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଛାମୁଣ୍ଡିଆ ବନାଞ୍ଚଳ ଡିପିସାହି ଫରେଷ୍ଟ ବିଟର ଶୁଖିଲାବନ୍ଧଠାରେ ବୁଲୁଥିବା ବେଳେ ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀ ଚତୁରତାର ସହ ଧରି ନେଇଥିଲେ । ତେବେ ଗତ ୬ ତାରିଖ ରାତିରେ ପଦ୍ମତୋଳା ନିକଟ ଜଙ୍ଗଲରୁ କୋକିଳ ଏକ ହରିଣକୁ ବନ୍ଧୁକରେ ଶିକାର କରିଥିବା ବେଳେ ୭ତାରିଖରେ ବନ ବିଭାଗ ତରଫରୁ ଜଙ୍ଗଲରେ ଲାଗିଥିବା କ୍ୟାମେରାକୁ ଏହି ୩ଜଣ ଭାଙ୍ଗିଦେଇଥିବା ଜଣାପଡିଛି । ଛାମୁଣ୍ଡିଆ ବନାଞ୍ଚଳ ତରଫରୁ ଏକ ମାମଲା(ନଂ.୦୩/୨୩) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ।


ଗିରଫ ହୋଇଥିବା ୩ ଶିକାରୀ ଓ ଜବତ ମାରଣାସ୍ତ୍ର ।

# ଟାଉନ ଥାନା ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ

ନୟାଗଡ଼,୯।୮(ଲୋକନାଥ ମିଶ୍ର)


ଥାନା ଆଗରେ ଧାରଣା ଦେଇଥିବା ମୃତକଙ୍କ ସମ୍ପର୍କୀୟ ।

ଦୁର୍ଘଟଣାରେ ଆହତ ହୋଇଥିବା ଇଟାମାଟି ଥାନା ଇଟାମାଟି ଖଟିଆ ସାହିର ଯୋଗେନ୍ଦ୍ର ବେହେରା(୫୫)ଙ୍କ ମୃତ୍ୟୁ ପରେ ଚାପା ଉତ୍ତେଜନା ଦେଖା ଦେଇଛି ମୃତକଙ୍କ ପରିବାର ଲୋକ କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନୟାଗଡ଼ ଟାଉନ ଥାନା ସମ୍ମୁଖରେ ମୃତଦେହକୁ ରଖି ବୁଧବାର ପ୍ରତିବାଦ କରିଥିଲେ । ମୃତକଙ୍କ ପରିବାରକୁ ନୟାଗଡ଼ ଟାଉନ ଥାନା ଆଇଆଇସି ନ୍ୟାୟ ଦେବାର ପ୍ରତିଶ୍ରୁତି ଦେବା ଓ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ନୟାଗଡ଼ ତହସିଲଦାର ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ଦେବା ପରେ ଆନ୍ଦୋଳନ ହଟିଥିଲା । ସେହିପରି ଜିଲାପାଳ ୩୦ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରକାଶଥାଉକି ଇଟାମାଟି ଖଟିଆ ସାହିର ଯୋଗେନ୍ଦ୍ର ବେହେରା ଗତ ୧୭ ତାରିଖରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ । ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଏକ ବାଇକ୍(ନଂ.ଓଆର ୧୩ ୦୫୫୮) ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ଯୋଗେନ୍ଦ୍ର ଆହତ ହୋଇ ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଛି । ଅନ୍ୟପକ୍ଷେ ପୋଲିସ ଏକ ମାମଲା(ନଂ.୧୨୨/୨୩) ରୁଜୁ କରି ବାଇକ ଚାଳକଙ୍କୁ କୋର୍ଟ ଚାଲାଣ କରିଥିଲା । ଆହତ ବ୍ୟକ୍ତି ପ୍ରାଣ ହରାଇବା ପରେ ପୁଣି ବାଇକ୍ ଚାଳକ ଜେଲ ଯିବେ ବୋଲି ପୋଲିସ ସୂଚନା ଦେଇଛି।

### ସାପ କାମୁଡ଼ାରେ ଚାଷୀ ମୃତ୍ୟୁ ଅଭିଯୋଗ

ଭଞ୍ଜନଗର,୯।୮(ବାବୁଲା ପ୍ରଧାନ)

ତାରସିଂ ଥାନା ଅନ୍ତର୍ଗତ ଲମ୍ବେଇରେ ବୁଧବାର ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଉଦୟ ବେହେରା (୫୭)। ଉଦୟଙ୍କ ପୁତୁରା ଅରୁଣ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଉଦୟ ସକାଳେ ଜମିକୁ କାମ କରିବାକୁ ଯାଇଥିବା ବେଳେ ଜମିରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଜମିକୁ ଯାଇ ଉଦୟ ଅଚେତ ଅବସ୍ଥାରେ ପଡିଥିବା ଦେଖି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଉଦୟଙ୍କ କିପରି ମୃତ୍ୟୁ ଘଟିଲା ଜଣାପଡ଼ିବ ବୋଲି କହିଛି।

### ମାଙ୍କଡ଼ କାମୁଡ଼ାରେ ୩ ଆହତ

ବେଗୁନିଆପଡ଼ା,୯।୮(ସୁଶାନ୍ତ ପଟ୍ଟନାୟକ)

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦକୋଟ ଗ୍ରାମରେ ବୁଧବାର ଏକ ପାଗଳ ମାଙ୍କଡ଼ କାମୁଡ଼ାରେ ୩ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅପରାହ୍ନରେ ମର୍ଦ୍ଦକୋଟ ପାନ୍ଥ ନିବାସ ନିକଟରେ ଏକ ପାଗଳ ମାଙ୍କଡ଼ ପ୍ରଥମେ ୫୩ ବର୍ଷୀୟ ସରସ୍ୱତୀ ଜାଲିଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ପ୍ରଥମେ କୋଦଳା ପରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ଏହାର ଏକ ଘଣ୍ଟା ପରେ ଉସ୍ତାଳିର ୫୧ ବର୍ଷୀୟ ମୟୂର ପ୍ରଧାନ ଓ ନିକଟସ୍ଥ ଗ୍ରାମ ଗୁଡିଆଳିରେ ୫୫ ବର୍ଷୀୟ ନବୀନ ସ୍ୱାଇଁ ଉକ୍ତ ରାସ୍ତାରେ ଯାଉଥିବା ବେଳେ ମାଙ୍କଡ଼ର ଆକ୍ରମଣରେ ଗୁରୁତର ହୋଇ ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ୩୦ କେଜି ବାରହା ମାଂସ ଜବତ ; ଅଭିଯୁକ୍ତ ଫେରାର

ନୂଆଗାଁ,୯।୮(ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ସେକ୍ସନ ଅଧୀନ କନ୍ଧଖାଲମଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ବୁଧବାର ବନ ବିଭାଗ ୩୦ କେଜି ଜଙ୍ଗଲି ବାରହା ମାଂସ ଜବତ କରିଥିବା ବେଳେ ଅଭିଯୁକ୍ତ ଖସି ପଳାଇ ଯାଇଥିବା ସୂଚନା ମିଳିଛି ।

ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ସହ ବନ୍ୟଜନ୍ତୁ ଶିକାର ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ବନ୍ୟଜନ୍ତୁଙ୍କୁ କିଭଳି ଜଙ୍ଗଲରେ ସୁରକ୍ଷିତ ରହିବେ ସେନେଇ ବନ ବିଭାଗ ପକ୍ଷରୁ ଅନେକ ଜନ ସଚେତନ ମୂଳକ କାର୍ଯ୍ୟକ୍ରମ କରିବା ସହ ଶିକାରୀଙ୍କ ପ୍ରତି କଡା ଆଭିମୁଖ୍ୟ ଗ୍ରହଣ କରୁଛି ବନ ବିଭାଗ । ମହିତମା ସେକ୍ସନ ଅଧିନ କନ୍ଧଖାଲମଡା ଗ୍ରାମରେ ବନ୍ୟଜନ୍ତୁ ଶିକାର କରି ମାଂସ ବିକ୍ରୀ କରାଯାଉଥିବା ଖବର କୌଣସି ସୂତ୍ରରୁ ମହିତମା ସେକ୍ସନ ଫରେଷ୍ଟର ରାକେଶ କୁମାର ସାହୁଙ୍କ ନିକଟରେ ପହଞ୍ଚିଥିଲା । ଫରେଷ୍ଟର ସାହୁ ସଦଳବଳେ କନ୍ଧଖାଲମଡାରେ ପହଞ୍ଚି ଖାନତଲାସି ଆରମ୍ଭ କରିଥିଲେ । ତେବେ ଦୁର୍ଯ୍ୟୋଧନ ମଲିକଙ୍କ ଘର ଖାନ ତଲାସ କରିବାରେ ଗୋଟିଏ କୋଠରୀରେ କଟା ଜଙ୍ଗଲି ବାରହା ମାଂସ ଓ ବାରହାର କଟା ମୁଣ୍ଡ ଥିବା ଦେଖିବାକୁ ପାଇଥିଲେ । ବନ ବିଭାଗର ଖାନତଲାସ ସମୟରେ ଚତୁରତାର ଦୁର୍ଯ୍ୟୋଧନ ଖସି ପଳାଇଥିବା ଫରେଷ୍ଟର ସାହୁ ସୂଚନା ଦେଇଛନ୍ତି। ଜବତ ହୋଇଥିବା ୧୮ କେଜି ମାଂସ ଓ ୧୨ କେଜିର ବାରହା ମୁଣ୍ଡକୁ ବୁଧବାର ନୂଆଗାଁ ପ୍ରାଣୀଧନ ଚିକିତ୍ସାଧିକାରୀ ଶୁଭାଶିଷ ମହାପାତ୍ର ପୋଷ୍ଟମଟମ କରିଥିବା ବେଳେ ମହିପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅମ୍ରିତ କୁମାର ସାହୁ , ମହିତମା ଫରେଷ୍ଟର ସାହୁ ଓ ଅନ୍ୟ କର୍ମଚରୀମାନଙ୍କ ଉପସ୍ଥିତିରେ ସଂପଡାସ୍ଥିତ ମେଗା ନର୍ସରୀ ପରିସରରେ ଜବତ ମାଂସକୁ ପୋତି ଦିଆଯାଇଥିବା ରେଞ୍ଜର ସାହୁ କହିଛନ୍ତି। ଏନେଇ ମହିପୁର ବନାଞ୍ଚଳ ପକ୍ଷରୁ ଏକ ମାମଲା ( ନଂ.ଓଆର୍ ୧୩/୨୩) ରୁଜୁ କରାଯିବା ସହ ଫେରାର ଅଭିଯୁକ୍ତ ନାମରେ ନୂଆଗାଁ ଥାନାରେ ମାମଲା ରୁଜୁ କରାଯାଇଛି ବୋଲି ସୂଚନା ମିଳିଛି ।


ଜବତ ମାଂସ ଓ ବାରହା କଟା ମୁଣ୍ଡ ।

# ସ୍ୱର୍ଣ୍ଣ ଓ ରୌପ୍ୟ କାରିଗରଙ୍କ ବୈଠକ

ନୟାଗଡ଼,୯।୮(ଲୋକନାଥ ମିଶ୍ର)


ବୈଠକରେ ଯୋଗ ଦେଇଥିବା ସ୍ୱର୍ଣ୍ଣ, ରୌପ୍ୟ କାରିଗର ସଂଘର କର୍ମକର୍ତ୍ତା ।

ନୟାଗଡ଼ ଜିଲା ସ୍ୱର୍ଣ୍ଣ ଓ ରୌପ୍ୟ ଶିଳ୍ପୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱର୍ଣ୍ଣ ଓ ରୌପ୍ୟ କାରୀଗରଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ପୋଲିସ ଜୁଲମର ନିରାକରଣ, ଶିଳ୍ପର ମାନ୍ୟତା, ଶିଳ୍ପୀଙ୍କ ବୟସ ୫୦ ପରେ ଭତ୍ତା , ବିନା ଜିଏସଟିରେ ୯୧୬ ଗହଣା ତିଆରି କିପରି କରିପାରିବା ପରି ଦାବି ପୂରଣ କରିବାକୁ ସରକାରଙ୍କ ଉପରେ ଚାପ ପକାଇବାକୁ ଦାବି ହୋଇଛି। ସଂଘର ସଭାପତି ରବୀନ୍ଦ୍ର କୁମାର ପୃଷ୍ଟି ସମ୍ପାଦକ ନିରଞ୍ଜନ ସାଥୁଆ, ଉପସଭାପତି ଅନନ୍ତ ମହାପାତ୍ର ସଂଗଠନ ସଭାପତି ଲକ୍ଷ୍ମୀଧର ସାହୁ,ମୁଖ୍ୟ ଉପଦେଷ୍ଟା ବିଶ୍ୱନାଥ ମହାପାତ୍ର,ସହ ଉପଦେଷ୍ଟା ଶୁକଦେବ ସାଥୁଆ, ଚାପଧରି ସାର, ଈଶ୍ୱର ମହାପାତ୍ର, ବାଲକୃଷ୍ଣ ସାଥୁଆ, ଖଣ୍ଡପଡା ସଭାପତି ବିପିନ କୁମାର ସାଥୁଆ, ପଦ୍ମାବତୀ ଗ୍ରାମ କମିଟି ସଭାପତି ଦାମୋଦର ପୃଷ୍ଟି, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଆଲୋଚନାରେ ଭାଗ ନେଇଥିଲେ।

# ପଞ୍ଚାୟତ ଉନ୍ନୟନ କୋଟାରେ ପ୍ରଶାସନିକ ଅସହଯୋଗ

- ଆମ ଓଡ଼ିଶା ନବୀନ ଓଡ଼ିଶାର ସହଭାଗିତାର ଚିଠି ଦିଆଗଲାନି
- ଜିଲାପାଳଙ୍କୁ ଫେରାଦ୍ ହେଲେ ୪ ସରପଞ୍ଚ, ଜଣେ ସମିତି ସଭ୍ୟ

ନୟାଗଡ଼,୯।୮(ଲୋକନାଥ ମିଶ୍ର)


ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିବା ଜନ ପ୍ରତିନିଧି।

ପଞ୍ଚାୟତ ଉନ୍ନୟନ କୋଟାରେ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ଦଶପଲ୍ଲା ବ୍ଲକରେ ଅସହଯୋଗ କରାଯାଉଥିବା ଅଭିଯୋଗ ହୋଇଛି । ବ୍ଲକର ୪ ସରପଞ୍ଚ ଓ ଜଣେ ସମିତି ସଭ୍ୟ ଏନେଇ ମୁହଁ ଖୋଲି ଜିଲାପାଳଙ୍କୁ ଫେରାଦ୍ ହୋଇ ବ୍ଲକ ପ୍ରଶାସନର ଅଣଦେଖାର ପ୍ରତିବାଦ କରିଛନ୍ତି । ଦଶପଲ୍ଲା ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସହଭାଗିତାର ଚିଠିକୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ଦିଆଯାଇ ନାହିଁ ବୋଲି ଅଭିଯୋଗ ରହିଛି । ଶିମିଳିସାହି ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ପଟ୍ଟନାୟକ, ପୋଖରୀ ଗୋଛା ସରପଞ୍ଚ ସୀମନ୍ତ ନାୟକ, ଟାକରା ସରପଞ୍ଚ ମଦନ କୁମାର ଜାନୀ, ବାଣିଗୋଛା ସରପଞ୍ଚ ସରିତା ମହାକୁଡ଼, ପୋଖରୀଗୋଛା ସମିତି ସଭ୍ୟ ବାପୁଜୀ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଅନୁଦାନ ମିଳୁଛି । ଏନେଇ ପ୍ରୋଜେକ୍ଟ ଦେବା ପାଇଁ ପଞ୍ଚାୟତସ୍ତରୀୟ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ରହିଛି। ତେବେ ଦଶପଲ୍ଲା ବ୍ଲକରେ ଚଞ୍ଚକତା କରି ଆମ ଓଡ଼ିଶା ନବୀନ ଓଡ଼ିଶାର ସହଭାଗିତାର ଚିଠିକୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ଦିଆଯାଇ ନାହିଁ । ଅନ୍ୟ ପଞ୍ଚାୟତରୁ ଓ ଗଣମାଧ୍ୟମରୁ ଖବର ପାଇ ପ୍ରୋଜେକ୍ଟ ଦେଇଥିଲୁ। ହେଲେ ଆମ ପ୍ରୋଜେକ୍ଟ ର ଯୋଜନା ଗୁଡିକୁ କାଟି ମନଇଛା ପ୍ରକଳ୍ପର ନାଁ ଦିଆଯାଇଛି। ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅଣଦେଖା କରିବା ସରକାରୀ ଯୋଜନକୁ ଉପହାସ କରୁଛି ବୋଲି ଅଭିଯୋଗ ହୋଇଛି।

# ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ୍ ପ୍ରତ୍ୟାହାର ଦାବି

ଗଣିଆ,୯।୮(ସନ୍ତୋଷ କୁମାର ପ୍ରଧାନ)

ଆଦିବାସୀ ଓ ପାରମ୍ପରିକ ବନବାସୀ ତଥା ପରିବେଶ ବିରୋଧୀ ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ ୨୦୨୩କୁ ପ୍ରତ୍ୟାହାର କରିବା ନିମନ୍ତେ ବିଶ୍ୱ ଜନଜାତି ଦିବସ ତଥା କ୍ରାନ୍ତୀ ଦିବାସ ଅବସରରେ ବୁଧବାର ଗଣିଆ ବ୍ଲକ ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚାୟତର ସରପଞ୍ଚଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଛାମୁଣ୍ଡିଆ ପଞ୍ଚାୟତରେ ଗ୍ରାମୀଣ ଶ୍ରମଜିବୀ ଚେତନା ସଙ୍ଗଠନର ସଂଯୋଜକ ସନ୍ତୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ସଙ୍ଗଠନର କର୍ମୀମାନେ ସରପଞ୍ଚ ଦିପ୍ତୀରେଖା ସେନାପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ବିରୋଧୀ ଦଳମାନଙ୍କ ପକ୍ଷରୁ ସଂସଦରେ ଅନାସ୍ଥା ପ୍ରସ୍ତାବ ବିଚାରାଧୀନ ଥିବା ବେଳେ ବିନା ଆଲୋଚନା , ପ୍ରବଳ ହଟ୍ଟଗୋଳ ମଧ୍ୟରେ ସଂସଦରେ ଗୃହୀତ ହୋଇଥିବା ଜନ, ଜୀବିକା, ଜଙ୍ଗଲ, ପରିବେଶ ବିରୋଧୀ ଜଙ୍ଗଲ ସଂରକ୍ଷଣ ବିଲ ୨୦୨୩କୁ ଧ୍ୱନୀ ମତରେ ପାରିତ ହେଲେ ବୋଲି ଘୋଷଣା କରାଯାଇଛି। ଏହି ଆଇନ ଲାଗୁ କରାଗଲେ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିକାର ଆଇନ ୨୦୦୬ , ପେଷା ଆଇନ ୧୯୯୬, ପଞ୍ଚାୟତିରାଜ ଆଇନ ୧୯୯୨, ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ରେ ଥିବା ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳଗୁଡିକ ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଗ୍ରାମସଭାକୁ ପ୍ରଦତ କ୍ଷମତା ସଙ୍କୁଚିତ ହେବା ସହ ଅନୁସୂଚିତ ଜନଜାତି, ପାରମ୍ପରିକ ଜାତିମାନଙ୍କ ପାଇଁ ଦିଆଯାଇଥିବା ସ୍ୱତନ୍ତ୍ର ବ୍ୟବସ୍ଥାବଳୀ ଓ ଗ୍ରାମସଭାର ସମ୍ମତି ପ୍ରାବଧାନକୁ ଉଲ୍ଲଘଂନ କରୁଛି । ତେବେ ଏହାକୁ ପ୍ରତ୍ୟାହାର କରାଯିବା ଦାବିରେ ଏହି ଦାବିପତ୍ର ରଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦଶପଲ୍ଲା ସଞ୍ଚାର ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର ସୂଚନା ଦେଇଛନ୍ତି । ସେହିପରି ଏହି ପରିବେଶ ବିରୋଧୀ ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲକୁ ବିରୋଧ କରି ଆଦିମ ଅଧିବାସୀ ମୁକ୍ତି ମଞ୍ଚ, ବଡଶିଲିଙ୍ଗା ତରଫରୁ ସଂଯୋଜକ ପ୍ରଫୁଲ୍ଲ କୁମାର ନାୟକଙ୍କ ନେତୃତ୍ୱରେ ସରପଞ୍ଚ ସସ୍ମିତା ସାହୁଙ୍କୁ ପ୍ରଦାନ କରାଯାଇଥିଲା ।


ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କୁ ଦାବିପତ୍ର ଦିଆଯାଉଛି।

